

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୮ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 JANUARY 2023
Vol.No. 34 ■ No. 18 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ : ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଦଳିଲା ପାକ୍ ପ୍ରଧାନମନ୍ତ୍ରୀଙ୍କ ସ୍ୱର: ଲୋଡ଼ିଲେ ମୋଦୀଙ୍କ ସହଯୋଗ !



ନୂଆଦିଲ୍ଲୀ,୧୭/୦୧ : ପାକିସ୍ତାନରେ ଆର୍ଥିକ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ମହଙ୍ଗା ଦର ଏତେ ମାତ୍ରାରେ ବଢ଼ିଯାଇଛି ଯେ ସାଧାରଣ ଲୋକଙ୍କୁ ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ଏହାରି ଭିତରେ ପ୍ରଧାନମନ୍ତ୍ରୀ ଶହବାଜ ଶରିଫ୍ ଭାରତକୁ ନେଇ ବଡ଼ ବୟାନ ଦେଇଛନ୍ତି । ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଶହବାଜ ଶରିଫଙ୍କୁ ମନେପଡିଛି ଭାରତ କଥା । ଏକ ସାକ୍ଷାତକାରରେ ପାକ୍ ପ୍ରଧାନମନ୍ତ୍ରୀ ଭାରତକୁ ଅପିଲ୍ କରିଛନ୍ତି । କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ କାଶ୍ମୀର ସମସ୍ୟାକୁ ଗୁରୁତର ସହ ନିଅନ୍ତୁ । ଆମକୁ ଏବେ ସବୁ ପୁରୁଣା କଥା ଭୁଲି ସାମ୍ନାସାମ୍ନି ବସି ଆଲୋଚନା କରିବା ଉଚିତ୍ । ସାକ୍ଷାତକାରରେ ଶରିଫ୍ ଭାରତ ଠାରୁ ତିନି ତିନିଥର ଯୁଦ୍ଧ ହାରିଥିବା କଥା ସ୍ୱୀକାର କରିଛନ୍ତି । ଏହାସହ ଏହି ଯୁଦ୍ଧ ତାଙ୍କ ଦେଶକୁ ଉଚିତ୍ ଶିକ୍ଷା ଦେଇଥିବା କଥା କହିଛନ୍ତି । ଯୁଦ୍ଧ ଯୋଗୁଁ ପାକିସ୍ତାନ ଆର୍ଥିକ କ୍ଷେତ୍ରରେ ମଧ ଦୁର୍ବଳ ହୋଇଛି । ତେଣୁ ଏବେ ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁଥିବା କହିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ । ଶରିଫ୍ ଆହୁରି କହିଛନ୍ତି, ଆର୍ଥିକ ସ୍ଥିତିରେ ବେଶ ଦୁର୍ବଳ ହୋଇଛି ପାକିସ୍ତାନ । ବେକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ୟାର ସମାଧାନ କରିବାକୁ ଚାହୁଁଛୁ । ଆମ ସମ୍ପତ୍ତିକୁ ବୋମା, ବାରୁଦରେ ନଷ୍ଟ କରିବାକୁ ଚାହୁଁନାହୁଁ । ଉଭୟ ଦେଶ ପାଖରେ ଭରପୂର ପରମାଣୁ ଶକ୍ତି ରହିଛି । ଆଉ ଯୁଦ୍ଧ ହେଲେ ପରିଣାମ କ’ଣ ହେବ, ତାହା କହିହେବ ନାହିଁ ବୋଲି କହିଛନ୍ତି । ତେବେ କଥାରେ ନୁହେଁ, କାମରେ କରି ଦେଖାଇବାକୁ ଭାରତୀୟ ବିଶେଷଜ୍ଞ ମତ ଦେଇଛନ୍ତି । ଆର୍ଥିକ ସଙ୍କଟ ବ୍ୟତୀତ ପାକିସ୍ତାନ ଅଧିକୃତ କାଶ୍ମୀରରେ ସରକାର ବିରୋଧୀ ବିକ୍ଷୋଭ ଉଗ୍ର ହେବାରେ ଲାଗିଛି । ଶହବାଜ ସରିଫ ସରକାର ବିରୋଧରେ ଲୋକେ ପ୍ରତିବାଦ, ନାରାବାଜି କରିଆସୁଛନ୍ତି । ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କ କୁଶପୁତ୍ତଳିକା ଦାହ କରି ଲୋକେ ନାୟ ଦାବି କରିଛନ୍ତି । ଖାଦ୍ୟ ସଙ୍କଟ ଏବଂ ପାକ୍ ସରକାରଙ୍କ ଭେଦଭାବ ନୀତି ବିରୋଧରେ ଦିନକୁ ଦିନ ଗିଲଗିଟ ବାଲଟିସ୍ତାନରେ ବିକ୍ଷୋଭ ତେଜିବାର ଲାଗିଛି । ତେଣୁ ଏସବୁ ବିରୋଧ ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାରତ ପ୍ରତି ସ୍ୱର ବଦଳାଇଥିବା କୁହାଯାଉଛି ।

# ୨୦୨୪ ଯାଏଁ ରହିବେ ନଡ୍ଡା

## ସମୀର ମହାନ୍ତିଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ଲଢ଼ିବ ରାଜ୍ୟ ବିଜେପି



ନୂଆଦିଲ୍ଲୀ,୧୭/୦୧ : ୨୦୨୪ ପାଇଁ ବିଜେପିରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ନଡ୍ଡାଙ୍କ ସଭାପତିତ୍ୱ ଉପରେ ପୁଣି ଭରସା କରିଛି ଦଳ । ଜେ.ପି ନଡ୍ଡାଙ୍କ କାର୍ଯ୍ୟକାଳ ସମୟରେ ଦଳର ପ୍ରଦର୍ଶନକୁ ଭିତିକରି ତାଙ୍କ କାର୍ଯ୍ୟକାଳକୁ ପୁଣି ଥରେ ବଢାଇବାକୁ ବିଜେପି ସର୍ବସମ୍ମତି ନିଷ୍ପତି ନେଇଛି । ୨୦୨୪ ଯାଏଁ ଜେ.ପି ନଡ୍ଡାଙ୍କ କାର୍ଯ୍ୟକାଳକୁ ବଢାଇବା ଉପରେ ବିଜେପି କାର୍ଯ୍ୟକାରିଣୀ ମୋହର ମାରିଛି । ଏ ନେଇ ରାଜନାଥ ସିଂହ ପ୍ରସ୍ତାବ ଆଣିଥିଲେ ଓ କାର୍ଯର୍କାରିଣୀର ସବୁ ସଦସ୍ୟ ଏହାକୁ ସମର୍ଥନ କରିଥିଲେ । ଅମିତ ଶାହ ଏ ନେଇ ଘୋଷଣା କରିଛନ୍ତି । ନଡ୍ଡାଙ୍କ ନେତତ୍ୱରେ ବିଜେପି ୨୦୧୯ ପରେ ବଡ ସଫଳତା ପାଇଛି । ଏବେ ପୁଣି ୨୦୧୯ ଭଳି ମୋଦିଙ୍କ ନେତୃତ୍ୱ ଓ ନଡ୍ଡାଙ୍କ ସଭାପତିତ୍ୱ ଯୋଡିରେ ୨୦୨୪ରେ ରେକର୍ଡ ତୃତୀୟ ଥର ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି ବିଜେପି । ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରଣୀରେ ୨୦୨୪ ପୂର୍ବରୁ ଚଳିତବର୍ଷର ୯ ବିଧାନସଭା ଭୋଟ ଜିତିବା ଉପରେ ଦଳର ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେଇଛି । ମଧ୍ୟପ୍ରଦେଶ, କର୍ଣ୍ଣାଟକ, ରାଜସ୍ଥାନ, ତେଲେଙ୍ଗାନା, ତ୍ରିପୁରା, ଛତିଶଗଡ, ନାଗାଲାଣ୍ଡ, ମେଘାଳୟ ମିଜୋରାମର ବିଜୟ ଆଗାମୀ ସାଧାରଣ ନିର୍ବାଚନରେ ପିଚ ତିଆରି କରିବ ବୋଲି ଦଳ ହୃଦବୋଧ କରିଛି । ତେଣୁ ଏହିସବୁ ଲକ୍ଷ୍ୟ ନେଇ ବିଜେପି ଲୋକଙ୍କ ପାଖକୁ ଯାଇ ୨୦୨୪ ନିର୍ବାଚନ ଲଢିବ ବୋଲି କାର୍ଯ୍ୟକାରିଣୀରେ ଆଲୋଚନା ହୋଇଛି । ଦିଲ୍ଲୀରେ ବିଜେପିର ବୈଠକ ଚାଲିଥିଲା ବେଳେ ରାଜ୍ୟରେ ମଧ ରାଜ୍ୟ ସଭାପତି ସମୀର ମହାନ୍ତି ୨୦୨୪ ନିର୍ବାଚନ ଯାଏଁ ନିଜ ଦାୟିତ୍ୱରେ ରହିବେ । ୨୦୧୯ ପରେ ବି ବିଜେପିର ବିଜୟଯାତ୍ରା ଅବ୍ୟାହତ ରହିଛି । ଆଉ ବିଜେପିର ରଣନୀତି ଓ ମୋଦି-ଶାହ ମ୍ୟାଜିକକୁ ଫିକା କରିବା ପାଇଁ ବିରୋଧୀ ବି ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି । ଜେପି ନଡ୍ଡାଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ଲଢିବ ବିଜେପି । ସେହିପରି ରାଜ୍ୟରେ ଦଳ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ଲଢ଼ିବ ବୋଲି ବିଜେପି ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସଭାପତି ଭାବେ ସମୀର ମହାନ୍ତିଙ୍କ ୩ ବର୍ଷିଆ କାର୍ଯ୍ୟକାଳ ଶେଷ ହେବାକୁ ଥିବା ବେଳେ ନେତୃତ୍ୱ ବଦଳିବା ନେଇ ଚର୍ଚ୍ଚା ହେଉଥିଲା ।

## ଓଟିଇଟି ପରୀକ୍ଷା ଫଳରେ ଅନିୟମିତତା ଅଭିଯୋଗ କରି ଆନ୍ଦୋଳନରେ ସାମିଲ ଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଲେ ମାଧ୍ୟମିକ ଶିକ୍ଷା ପରିଷଦର ସଚିବ

ଭୁବନେଶ୍ୱର,୧୭/୦୧ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚଳିତ ସ୍ୱେଶାଲ ଓଡ଼ିଶା ଟିଚର ଇଲିଜିବିଟି (ଓଟିଇଟି) ପରୀକ୍ଷା ମୂଲ୍ୟାଙ୍କନରେ ତ୍ରୁଟି ଅଭିଯୋଗ କରି ପରିଷଦ କାର୍ଯାଳୟ ଆଗରେ ବିରୋଧ ପ୍ରଦର୍ଶନ କରିଥିବା ଶିକ୍ଷକ ମାନଙ୍କ ବିରୁଦ୍ଧରେ ଶୃଙ୍ଖଳାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ବିଭାଗକୁ ପତ୍ର ଲେଖା ଯାଇଛି । ପରିଷଦର ସଚିବ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଏହି ପତ୍ର ଲେଖିଛନ୍ତି । ଉଲ୍ଲେଖନୀୟ ଯେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚଳିତ ସ୍ୱେଶାଲ ଓଡ଼ିଶା ଟିଚର ଇଲିଜିବିଟି (ଓଟିଇଟି) ପରୀକ୍ଷା ମୂଲ୍ୟାଙ୍କନରେ ତ୍ରୁଟି ଅଭିଯୋଗ କରି ଏହି ପରୀକ୍ଷାରେ ଫେଲ ହୋଇ ଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ଆନ୍ଦୋଳନ କରିଥିଲେ । ସେମାନେ ପରୀକ୍ଷା ପ୍ରଶ୍ନପତ୍ର ଓ ପରିଚାଳନାରେ ତ୍ରୁଟି ଥିବା ଅଭିଯୋଗରେ ସେମାନଙ୍କୁ ଗ୍ରେସ ମାର୍କ ଦେଇ ପାସ ଘୋଷଣା ପାଇଁ ଦାବି କରିଥିଲେ । ଏହି ଦାବି ନେଇ କଟକ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ ।

## ଅବସରପ୍ରାପ୍ତ ରେଳ ଅଧିକାରୀଙ୍କ ଘରୁ ମିଳିଲା ୧୭ କେଜି ସୁନା

ଭୁବନେଶ୍ୱର,୧୭/୦୧ (ନି.ପ୍ର): ଅବସରପ୍ରାପ୍ତ ରେଳ ଅଧିକାରୀଙ୍କ ଘରୁ ମିଳିଛି ୧୭ କେଜି ସୁନା ଓ ନଗଦ କୋଟିଏ ୫୭ ଲକ୍ଷ ଟଙ୍କା । ଆୟବହିର୍ଭୂତ ଠୁଳ ଅଭିଯୋଗରେ ସିବିଆଇର ରେଡ୍ ବେଳେ ଏସବୁ ଠାବ କରାଯାଇଛି । ଏହା ବ୍ୟତୀତ ଅନ୍ୟାନ୍ୟ ସମ୍ପତି ମଧ୍ୟ ମିଳିଛି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସିବିଆଇ ପୂର୍ବତନ ରେଳ କର୍ମଚାରୀ ପ୍ରମୋଦ କୁମାର ଜେନାଙ୍କ ଘରେ ଚଢ଼ଉ କରିଥିଲା । ତାଙ୍କ ଘରୁ ନଗଦ ଏକ କୋଟି ୫୭ ଲକ୍ଷ ଟଙ୍କା, ବ୍ୟାଙ୍କ ଓ ପୋଷ୍ଟାଲ୍ ଜମା ୨ କୋଟି ୫୦ ଲକ୍ଷ ଟଙ୍କା ଓ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ପାଇଛି ସିବିଆଇ । ଏହାଛଡ଼ା ଶ୍ରୀ ଜେନାଙ୍କ ଘରୁ ସିବିଆଇ ୧୭ କେଜି ସୁନା ପାଇଛି । ଯାହାର ଆନୁମାନିକ ମୂଲ୍ୟ ୮ କୋଟି ୫୦ ଲକ୍ଷ ହେବ । ଏହା ବ୍ୟତୀତ ଅନେକ ସମ୍ପତି ପି.କେ ଜେନାଙ୍କ ପରିବାର ଲୋକଙ୍କ ନାଁରେ ରହିଛି । ସୂଚନା ଅନୁଯାୟୀ ପି.କେ. ଜେନା ୧୯୮୯ ମସିହାରେ ଚାକିରି ଜୀବନ ଆରମ୍ଭ କରିଥିଲେ । ୨୦୨୨ ମସିହାରେ ରେଲୱେର ପ୍ରିନିସିପାଲ ଚିଫ୍ ଅପରେସନ ମ୍ୟାନେଜର ▶▶ପୃଷ୍ଠା ୭

## କଂଗ୍ରେସରୁ ଇସ୍ତଫା ଦେଲେ ସତ୍ୟ ନାୟକ



ଭୁବନେଶ୍ୱର,୧୭/୦୧ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ରାଜ୍ୟ କଂଗ୍ରେସର ଗଣମାଧ୍ୟମ ବିଭାଗ ମୁଖ୍ୟ ସତ୍ୟ ପ୍ରକାଶ ନାୟକ ଦଳରୁ ଇସ୍ତଫା ଦେଇଛନ୍ତି । ସେ ନିଜର ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ଶ୍ରୀ ନାୟକ ତାଙ୍କ ଚିଠିରେ ପିସିସି ସଭାପତିଙ୍କୁ ଟାର୍ଗେଟ୍ କରି ଲେଖିଛନ୍ତି ଯେ ଆପଣ ଦଳର ସ୍ଥିତି ସୁଧାରିବାରେ ବିଫଳ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଏଆଇସିସି ସଭାପତି ନିର୍ବାଚନ ବେଳେ ତାଙ୍କୁ ଭୋଟ୍ କରିବାକୁ ସୁଯୋଗ ଦିଆଯାଇନଥିବାରୁ ଅସନ୍ତୁଷ୍ଟ ଥିଲେ ସତ୍ୟ ନାୟକ ।

## ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା ବେଳେ ହଙ୍ଗାମା ସୁନ୍ଦରଗଡ଼ରେ ମୁହାଁମୁହିଁ ପୂର୍ବତନ ବିଧାୟକ ଓ ଜିଲ୍ଲାପାଳ



ଭୁବନେଶ୍ୱର,୧୭/୦୧ (ନି.ପ୍ର): କାର୍ଯ୍ୟକ୍ରମ ଥିଲା, ହକି ବିଶ୍ୱକପ ଟ୍ରଫିର ସହର ପରିକ୍ରମା । ଏଥିପାଇଁ ସୁନ୍ଦରଗଡ଼ ସହରରେ ଥିଲା ବେଶ ଉତ୍ସାହ । ସୁସଜ୍ଜିତ ଗାଡ଼ିରେ ଯେତେବେଳେ ଟ୍ରଫି ଯାଉଥିଲା, ଶହ ଶହ ହକି ପ୍ରେମୀ ଏହାକୁ ସ୍ୱାଗତ କରୁଥିଲେ । ହକିର ଏହି ଉତ୍ସାହ, କିନ୍ତୁ ଉଦ୍ବେଗରେ ପରିଣତ ହୋଇଯାଇଥିଲା, ଯେତେବେଳେ ଏହି ଟ୍ରଫି-ଟି, ଓ୍ୱିମେନ୍ସ କଲେଜ ଛକରେ ପହଞ୍ଚିଥିଲା । ଟ୍ରଫି ଥିବା ଟ୍ରକ୍ ଉପରେ ପୂର୍ବତନ ବିଧାୟକ ଯୋଗେଶ ସିଂହ ଏବଂ ପ୍ରଫୁଲ୍ଲ ମାଝୀ ଫଟୋ ଉଠାଉଥିବା ବେଳେ, ସୃଷ୍ଟି ହୋଇଥିଲା ଅପ୍ରିତୀକର ପରିସ୍ଥିତି । ଜିଲ୍ଲାପାଳ ପରାଗ ହରାଷଦ ଗାଭାଲି ଏବଂ ପିଡିଡିଆରଡିଏ ମନୋଜ ସତ୍ୟବାନ, ନେତାଙ୍କୁ ଟ୍ରକ୍ରୁ ଓହ୍ଲାଇବାକୁ କହିଥିଲେ । ଏମିତି କି ଟ୍ରକରୁ ଟାଣିଆଣି ଓହ୍ଲାଇବାକୁ ଉଦ୍ୟମ କରିଥିବା ସହ ମାଡ଼ ମାରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଆଉ ଏହି ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଘଟଣା ପରେ ଦୀର୍ଘ ସମୟ ଧରି ସେଠି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଜେଡିର ଦୁଇ ନେତାଙ୍କୁ ସରକାରୀ ଅଧିକାରୀ ଅପମାନିତ କରିଥିବା ଅଭିଯୋଗ କରି, କର୍ମୀ ଓ ସ୍ଥାନୀୟ ଲୋକମାନେ ହଙ୍ଗାମା କରିଥିଲେ । ସୁନ୍ଦରଗଡ଼ ଜିଲ୍ଲାର ଦୁଇ ଲୋକପ୍ରିୟ ନେତାଙ୍କୁ ଆରେଷ୍ଟ କରାଯିବ ବୋଲି ଧମକ ଦେବାରୁ ସ୍ଥିତି ଅଣାୟତ ହୋଇଯାଇଥିଲା । ସୂଚନା ଅନୁସାରେ ହକି ବିଶ୍ୱକପ ଟ୍ରଫି ନେଇ ଯାଉଥିବା ସ୍ୱତନ୍ତ୍ର ଟ୍ରଫି ଉପରେ ଚଢ଼ିବା ଉପରେ କଟକଣା ଲଗାଯାଇଥିଲା । କିନ୍ତୁ ଦୁଇ ବିଧାୟକ ଗାଡ଼ିରେ ଫଟୋ ନେବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ବେଶ କିଛି ସମୟ ଧରି ହଙ୍ଗାମା ପରେ ଆପୋଷବୁଝାମଣା ହୋଇଥିଲା । ଆଉ ଟ୍ରଫି ଗାଡ଼ିଟି ଆଗକୁ ବଢ଼ିଥିଲା ।

## ଉଗ୍ର ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ



ନୂଆଦିଲ୍ଲୀ,୧୭/୦୧ : ଉଗ୍ର ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ । ଡିନଷ୍ଟ୍ରୋରେ ରୁଷ ବଡ ଧରଣର ମିସାଇଲ ଆକ୍ରମଣ ପରେ ୩୦ରୁ ଅଧିକ ଲୋକ ନିଖୋଜ ଥିବା ୟୁକ୍ରେନ ଦାବି କରିଛି । ସୋମବାର ଆକ୍ରମଣରେ ୪୧ଜଣ ମୃତ୍ୟୁ ହୋଇଛି । ୟୁକ୍ରେନ ଏଭଳି ସମୟରେ ପର୍ଶ୍ଚିମ ଦେଶମାନଙ୍କୁ ହତିଆର ସହଯୋଗ ପାଇଁ ଅପିଲ କରିଛି । ଯଥାଶିଘ୍ର ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ୟୁକ୍ରେନ ଅନୁରୋଧ କରିଛି । ୟୁକ୍ରେନ ସେନା ଜେନରାଲ ଷ୍ଟାଫ କହିଛନ୍ତି ଯେ ରୁଷ ଏବେ ସହର ଛାଡି ଗାଁ ଆଡକୁ ମାଡୁଛି । ୨୫ଟି ଗାଁକୁ ଟାର୍ଗେଟ କରି ଏହାକୁ କ୍ଷତିଗ୍ରସ୍ତ କରିଛି । ୩୦ରୁ ଅଧିକ ବସ୍ତି ଇଲାକକୁ ଟାର୍ଗେଟ କରି ଗୁଳିମାଡ କରୁଛି କ୍ରେମଲିନ୍ । ସେପଟେ ସହର ଗୁଡିକରେ ମିସାଇଲ ଓ ତୋପରେ ମାଡ କରୁଛି । ୟୁକ୍ରେନର ଅପିଲ ପରେ ବିଟ୍ରେନ ତୁରନ୍ତ ହତିଆର ପଠାଇବା ଆରମ୍ଭ କରିଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାକୁ ନେଇ ବିଭିନ୍ନ ସ୍ଥାନରେ ତେଜୁଛି ଅସନ୍ତୋଷ




ନୂଆଦିଲ୍ଲୀ,୧୭/୦୧ : ପୁରୀ ଜିଲ୍ଲା କଣାସ ବ୍ଲକ ଗଡସାହି ପଂଚାୟତ ବେଣାଗାଁର ଉର୍ମିଳା ପ୍ରଧାନ । ପଲିଥିନ୍ ଘୋଡା ହୋଇଛି ତାଙ୍କ ଘର । ଆଶା ରଖିଥିଲେ ଏଥର ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିବ । ପକା ଘର ଖଣ୍ଡିଏ କରିବେ । ବର୍ଷା, ବାତ୍ୟା ଦାଉରୁ ରକ୍ଷା ପାଇବେ । ହେଲେ, ସୋମବାର ପ୍ରକାଶ ପାଇଥିବା ତାଲିକା ଦେଖି ସେ ନିରାଶ ହୋଇଛନ୍ତି । ଭଙ୍ଗାଦଦରା ଘରେ ରହୁଥିବା ଜୟନ୍ତୀ ବି ଭାବିଥିଲେ ଏଥର ତାଙ୍କୁ ଘର ଖଣ୍ଡିଏ ମିଳିବ । କିନ୍ତୁ ପ୍ରକାଶ ପାଇଥିବା ତାଲିକାରେ ତାଙ୍କ ନାଁ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । କେବଳ ଉର୍ମିଳା କି ଜୟନ୍ତୀ ନୁହଁନ୍ତି ଏହି ପଞ୍ଚାୟତର ଘର ପାଇବାକୁ ଅନେକ ଲୋକ ଚାହିଁ ରହିଥିବାବେଳେ ସେମାନଙ୍କ ନାଁ ତାଲିକାରେ ନାହିଁ । ପଞ୍ଚାୟତରେ ମରାଯାଇଥିବା ତାଲିକାରେ ମାତ୍ର ଜଣଙ୍କ ନାଁ ପ୍ରକାଶ ପାଇଛି । ସୂଚନା ଅନୁସାରେ ପଞ୍ଚାୟତରେ ପ୍ରାୟ ୯ଜହାରରୁ ଅଧିକ ଲୋକ ରହୁଛନ୍ତି । ୪ହଜାର ଭୋଟର ଅଛନ୍ତି । ହେଲେ ଆବାସ ଘର ପାଇବାକୁ ମାତ୍ର ଜଣଙ୍କ ନାଁ ପ୍ରକାଶ ପାଇଛି । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଘର ଆଶାୟୀ । ତାଲିକା ପ୍ରକାଶ ପାଇବା ପରେ ମୁହାଁମୁହିଁ ହୋଇଛନ୍ତି ବନ୍ଧୁଗାଁ ବ୍ଲକର ବିଡିଓ ଓ ସରପଞ୍ଚ । ଏପରିକି ଥାନାରେ ପରସ୍ପର ପରସ୍ପର ବିରୋଧରେ ଏତଲା ଦେଇଛନ୍ତି । ଯାହା ସ୍ଥାନୀୟ ରାଜନୀତିକୁ ଉଷ୍ଣ କରିଛି । ସରପଞ୍ଚମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ଯେଉଁମାନଙ୍କ ନାଁ ଥିଲା ପ୍ରକାଶ ପାଇଥିବା ତାଲିକାରେ ସେମାନଙ୍କ ନାଁ ନାହିଁ । ଏନେଇ ବିଡିଓଙ୍କୁ ଭେଟିବାକୁ ଯାଇଥିବାବେଳେ ସେ ସରପଞ୍ଚମାନଙ୍କୁ ଦୁର୍ବ୍ୟବହାର କରିଛନ୍ତି ।

## ବଦଳୁଛି ଦକ୍ଷିଣ ଓଡିଶାର ରାଜନୈତିକ ସମୀକରଣ



ଭୁବନେଶ୍ୱର,୧୭/୦୧ (ନି.ପ୍ର): ଗିରିଧର ଗମାଙ୍ଗ, ତାଙ୍କ ପୁଅ ଶିଶିର ଗମାଙ୍ଗଙ୍କ ପରେ ଏବେ ଜୟରାମ ପାଙ୍ଗି ସୋମବାର ଭାରତୀୟ ରାଷ୍ଟ ସମିତ, ବିଆରଏସ୍ ମୁଖ୍ୟ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କୁ ଭେଟିଛନ୍ତି । ଏହାପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମୀକରଣ ବଦଳିବା ପାଇଁ ଯାଉଛି । ଜୟରାମ ପାଙ୍ଗି ବିଜେପି ଛାଡି ନିକଟରେ ଦଣ୍ଡକାରଣ୍ୟ କମିଟି ଗଠନ କରିଥିଲେ । ଆଉ ସେ ଏବେ ରାଷ୍ଟ୍ରୀୟ ଦଳ ମୁହାଁ ହୋଇଛନ୍ତି । ଅର୍ଥାତ ଏହି ନେତାମାନେ ଖୁବଶୀଘ୍ର ବିଏଆରଏସରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କୋରାପୁଟ ରାଜନୀତିରେ ଦୀର୍ଘଦିନ ଧରି ଗମାଙ୍ଗ-ପାଙ୍ଗିଙ୍କ ପ୍ରଭାବ ରହିଥିବାରୁ ଏମାନଙ୍କ ଦଳ ଡିଆଁ ଚର୍ଚ୍ଚା ଜିଲ୍ଲା ରାଜନୀତିକୁ ରୋଚକ କରିପାରେ । ୨୦୧୯ ନିର୍ବାଚନରେ ବିଜେଡି ସହ ସମ୍ପର୍କ ତୁଟାଇ କୋରାପୁଟ ଆସନରୁ ବିଜେପିର ସାଂସଦ ପ୍ରାର୍ଥୀ ହୋଇଥିଲେ ଟାଣୁଆ ଆଦିବାସୀ ନେତା ଜୟରାମ ପାଙ୍ଗି । ସେ ୨ ଲକ୍ଷ ୮ ହଜାରରୁ ଅଧିକ ଭୋଟ ପାଇ ବିଜେଡି ପାଇଁ କଂଟା ସାଜିଥିଲେ । ଆଉ ଏଠାରୁ ଜିତିଥିଲେ କଂଗ୍ରେସର ସପ୍ତଗିରି ଉଲ୍ଲାକା । ଖାଲି ସେତିକି ନୁହେଁ ବିଜେପିର ସଙ୍ଗଠନ ଓ ଭୋଟ ପ୍ରତିଶତକୁ ସେ ମଧ ବଢାଇଥିଲେ । ଅନ୍ୟପଟେ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ ଜିଲ୍ଲାରେ ବିଜେପିର ଶକ୍ତି ବୃଦ୍ଧି କରିଥିଲେ । ତେଣୁ ଏହି ନେତା ଯଦି ଦଳ ଛାଡନ୍ତି ତାହାହେଲେ ବିଜେପିରେ ସଙ୍ଗଠନ ଉପରେ ପ୍ରଭାବ ପଡିପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ରାୟଗଡା ଓ କୋରାପୁଟ ରାଜନୀତିରେ ଗମାଙ୍ଗ ଓ ପାଙ୍ଗି ପରିବାରର ଦବଦବା ରହିଛି । କିନ୍ତୁ ଉଭୟ ବିଜେପିରେ କୋଣଠେସା ହେବା ପରେ ଦଳ ବଦଳାଇ ନୂଆ ରାଜନୈତକି ସମୀକରଣ ଲକ୍ଷ୍ୟରେ ଅଛନ୍ତି । ଆଉ ଏହି ନେତା ଖୁବଶୀଘ୍ର ବିଆରଏସରେ ସାମିଲ ହୋଇପାରନ୍ତି ।

## ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା, ୧୭/୦୧ (ନି.ପ୍ର): ଯାଜପୁର ଜିଲା ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତ ହରିବୋଲିଆ ମଠ ପରିସରରେ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ୭ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଯଜ୍ଞ ୫ ଦିନ ଧରି ଚାଲିବ । ଶତାଧିକ ମାନସିକଧାରୀମାନେ କେଲୁଅ ନଦୀରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପଂହଚିଥିଲେ । କଳସ ସ୍ଥାପନ ପରେ ଯଜ୍ଞ କର୍ମର ଶୁଭାରମ୍ଭ ହୋଇଥିଲା । ଯଜ୍ଞ ମଣ୍ଡପ ଓ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ବିଶିଷ୍ଟ ପଣ୍ଡିତଙ୍କ ବେଦଧ୍ୱନି ସହ ବିଭିନ୍ନ ଦିବସମାନଙ୍କରେ ସୂର୍ଯ୍ୟ ପୂଜା ,ଗୋପୂଜା ଓ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ । ଏଥି ସହିତ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଓ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସନ୍ଧ୍ୟାରେ ଯଜ୍ଞ ମଣ୍ଡପରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ସାନ୍ଧ୍ୟ ଆଳତି ଦର୍ଶନ କରିଥିଲେ ।

# ବାସୁଦେବପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୧୭/୦୧ (ନି.ପ୍ର): ବାସୁଦେବପୁର ପ୍ରେସ କ୍ଲବର ଅଷ୍ଟାଦଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବାସୁଦେବପୁର ପ୍ରେସ କ୍ଲବ ସଭାପତି ରମାକାନ୍ତ ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ,ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ସ୍ତମ୍ଭକାର ଶାଶ୍ୱତ ପାଣିଗ୍ରାହୀ,ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗଣ ମାଧମ ର ଭୂମିକା ସମାଜ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ପ୍ରେସ କ୍ଲବ ସମ୍ପାଦକ ଆଇନଜୀବୀ ଇଂ ନିରଦ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ସାମ୍ବାଦିକ ବୈଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାମ୍ବାଦିକ ରଂଜନ ନାୟକ ଓ କବି ବିକାଶ ଶତପଥୀ ମଂଚ ସଂଯୋଜନା କରିଥିଲେ । ସାମ୍ବାଦିକ କାଳିପଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରେସ କ୍ଲବ ର ସମସ୍ତ ସାମ୍ବାଦିକ ବନ୍ଧୁ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ

ଜୟପୁର, ୧୭/୦୧ (ନି.ପ୍ର): ଲମତାପୁଟ ବ୍ଲକ ଗୋଡିପୁଟ ଠାରେ ଆଜି କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାଥିରାମ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅତିଥି ରୂପେ ଜିଲ୍ଲା ପରିଷଦ ସଦସ୍ୟ ପୂର୍ଣ୍ଣ ପାଙ୍ଗି, ନବରଙ୍ଗପୁର ଜିଲ୍ଲା କାର୍ଯ୍ୟକାରି ସଭାପତି ଦେବଦାସ ମହାଙ୍କୁଡ଼, ସମ୍ପାଦକ ମନୋଜ ମହଙ୍କୁଡ଼, ଯୁବ ସଭାପତି ନବଘନ ଗୌଡ଼, ମାଲକାନଗିରି ସଭାପତି ପରମେଶ୍ୱର ପାତ୍ର, ସମ୍ପାଦକ ସଦାଶିବ ଗୌଡ଼, ଉପସଭାପତି ଶ୍ରୀନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ଜାତିର ଉନ୍ନତି ଉପରେ ଆଲୋଚନା କରିଥିଲେ । ବିଶେଷ କରି ଗୌଡ଼ ମାନଙ୍କୁ ଗିରିଜନ ମାନ୍ୟତା, ଜାତିଭିତିକ ଜନଗଣନା, ନିର୍ବାଚନରେ ସଂରକ୍ଷଣ ଉପରେ ନେତାମାନେ ଦାବୀ ରଖିଥିଲେ । ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ଯାଦବ ସମ୍ମିଳନୀ ସହ କୋରାପୁଟ ଠାରେ ଏକ ଲକ୍ଷ ଯାଦବଙ୍କୁ ନେଇ ସମ୍ମିଳନୀ କରିବାକୁ ନିଷ୍ପତି ହୋଇଥିଲା । କୋରାପୁଟ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ଗୌଡ଼ ଅବିଭକ୍ତ ଜିଲ୍ଲାର ନେତାଙ୍କୁ ନେଇ ଏକ କୋର କମିଟିର ପ୍ରସ୍ତାବ ଦେଇଥିବା ବେଳେ ପୂର୍ଣ୍ଣ ପାଙ୍ଗିଙ୍କୁ ଜିଲ୍ଲା ଯୁବ ଯାଦବ ସମ୍ପାଦକ ରୂପେ ଚୟନ କରାଯାଇଥିଲା । ବୈଠକକୁ ଲମତାପୁଟ ବ୍ଲକ ସଭାପତି ଅର୍ଜ୍ଜୁନ ହନ୍ତାଳ ଆୟୋଜନ କରିଥିବା ବେଳେ ଏଥିରେ ଅନ୍ୟ ମାନଙ୍କ ମଧରେ କୈଳାଶ ଗୌଡ଼, ହରି ଗୌଡ଼, ଯୁବ ଆଇନଜୀବୀ ଆଙ୍କୁଶ ଗୌଡ଼, ସନ୍ୟାସୀ ଗୌଡ଼, ଦୈତାରି ଗୌଡ଼, ପ୍ରହ୍ଲାଦ ଖିଲ, ମଧୁ ଗୋଲାରୀ, ଘେନୁ ପାଙ୍ଗି, ନିନୀ ଗୁରୁ ଖରା, ସୁନ୍ଦର ଗୋଲରୀ, ଭକ୍ତ ହନ୍ତାଳ, ସିନ୍ଧୁ ଗୋଲାରୀ, ତ୍ରିନାଥ ପାଙ୍ଗି, ଗୁରୁବନ୍ଧୁ ଖରା, ନନ୍ଦପୁର ସଭାପତି ଗୋବର୍ଦ୍ଧନ ବୈରାଗୀ, ଗୋପୀ ପାଙ୍ଗି, ଗଙ୍ଗାଧର ସମରେଡି, କୃଷ୍ଣ ଖିଲ, କୁନ୍ଦୁରା ବ୍ଲକ ସଭାପତି ପଦଲମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୭/୦୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଲକ ରୋଡ ପାଖରେ ଥିବା ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ର ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପଣ୍ଡିତ ଉମେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସତ୍ୟସାଇ ସେବା ଅନୁଷ୍ଠାନର ପ୍ରଶଂସା କରିବା ସହ ଭଗବାନ ସତ୍ୟସାଇଙ୍କ ବାଣୀ ଉଦ୍ଧାର କରି ସେଇ ଅନୁଯାଇ ଆଚରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହା ସହ ସତ୍ୟସାଇ ବିଦ୍ୟା ମନ୍ଦିରର ଶିକ୍ଷାଦାନ ପଦ୍ଧତି,ନୈତିକ ଶିକ୍ଷା, ଚରିତ୍ର ଗଠନ ଓ ଆଧାମ୍ତିକ ଶିକ୍ଷା ଭବିଷ୍ୟତରେ ସୁମାନବ ଗଠନ କରିବାରେ ସହାୟକ ହେବ ବୋଲି ମତଭୟକ୍ତ କରିଥିଲେ । ଶ୍ରୀ ସତ୍ୟସାଇ ଅନୁଷ୍ଠାନର ସଭ୍ୟ ସଚ୍ଚିଦାନନ୍ଦ ନନ୍ଦ, ବିଷ୍ଣୁ ଚନ୍ଦ୍ର ସାମଲ, ରାଜ କିଶୋର ମିଶ୍ର, ସୁଶାନ୍ତ ପଟ୍ଟନାୟକ, ସୁଷମା ମଲିକ ପ୍ରମୁଖ ଯୋଗ ଦେଇ ସ୍କୁଲରେ ଅଧୟନ କରୁଥିବା ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଅମାନିଆଙ୍କୁ ତାଗିଦ୍, ନିୟମ ମାନୁଥିବା ଲୋକଙ୍କୁ ସମ୍ବୋଧନ

ପୁରୀ, ୧୭/୦୧ (ନି.ପ୍ର): ଚାଲୁଅଛି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ୨୦୨୩ । ଆଜି ଷଷ୍ଠ ଦିବସ ଅବସରରେ ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସର ଏବଂ ବ୍ରହ୍ମଗିରି ଅଂଚଳରେ ପୁରୀ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପଲକରେ ପାଲଟି ନଯାଉ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀ ଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ଏକ ସଚେତନତା ସମ୍ପର୍କିତ ସଭା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ସଡକରେ କିପରି ସୁରକ୍ଷିତ ଯାତ୍ରା କରିହେବ, ସେ ସମ୍ବନ୍ଧରେ ସଚେତନ କରାଇଥିଲେ । ଠିକ୍ ସେହିପରି ବ୍ରହ୍ମଗିରି ବଜାରରେ ମଧ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବ୍ରହ୍ମଗିରି ଠାରେ ଅନେକ ମାତ୍ରାରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଯାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା । ବ୍ରହ୍ମଗିରି ଥାନା କର୍ମଚାରୀ ଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନେ ଏଥିରେ ଉପସ୍ଥିତି ଥିଲେ । ହେଲମେଟ ପିନ୍ଧିଥିବା ବାଇକ୍ ଚାଳକ ମାନଙ୍କୁ ଅଧିକାରୀ ମାନେ ଚକୋଲେଟ୍ ଦେଇ ସ୍ୱାଗତ କରିଥିଲେ । ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ମାନେ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଶ୍ରୀଶ୍ରୀ ଗୋକର୍ଣ୍ଣେଶ୍ୱର କଳାକାର ସଂଘ ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ

ଧର୍ମଶାଳା, ୧୭/୦୧ (ନି.ପ୍ର): ଶ୍ରୀଶ୍ରୀ ଅନନ୍ତ କିଶୋର ସଂକୀର୍ତନ ମଣ୍ଡଳୀ ତତ୍ତ୍ୱବଧାନରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତସ୍ଥିତ ହରିବୋଲିଆ ମଠ ପରିସରରେ ଶ୍ରୀଶ୍ରୀ ଗୋକର୍ଣ୍ଣେଶ୍ୱର କଳାକାର ସଂଘର ଏକ ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିପିନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ଡିସିଓ ଦୁର୍ଯ୍ୟୋଧନ ମଲ୍ଲିକ,ମୁଖ୍ୟବକ୍ତାଭାବେ ଗାୟକ ଦାଶରଥୀ ମିଶ୍ର,ସମ୍ମାନୀତ ଅତିଥିଭାବେ ଦୁଃଶାସନ ଘଡାଇ,ପ୍ରସନ୍ନ କୁମାର କର,ଭଗବାନ ବିଶ୍ୱାଳ ଓ ବଟକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କଳାକାରମାନଙ୍କର ସମସ୍ୟା,ପେନସନ ବୃଦ୍ଧି ଓ ପେନସନ ପାଇଁ ବୟସ ସୀମା କୋହଳ କରିବା ପାଇଁ ଦାବି ହୋଇଥିଲା । ଏଥି ସହିତ କଳାକାର ସବୁ ଦିନ ସେମାନଙ୍କର କର୍ତବ୍ୟ ପାଳନ କରିଆସୁଛି । ଏବେ ଯୁବକମାନେ କଳା ପ୍ରତି ଅନୁପ୍ରାଣୀତ ହେବାକୁ ଅତିଥିମାନେ ମତବ୍ୟେକ୍ତ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୭/୦୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୨୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୧୮ ଗୋଟି ଓ ସାମୁହିକ ଦରଖାସ୍ତ ୭ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧରୁ ଶିବିରରେ ୫ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୦ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ତରଭା ବିଡିଓ ବିନୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ସୋନପୁର ଡ଼ଃ. ଇସ୍ପିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧକ୍ଷ ସରୋଜ କର୍ମ, ଏଡିଏମଓ ଡ଼.ଦୈତ୍ୟ ନାରାୟଣ ପାଢ଼ୀ, ଏସ ଇ- ପି ଡବ୍ଲୁଡି ଦାମୋଦର କୈବର୍ତ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ତରଭା, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଅଙ୍କରିଆପଦରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗିର, ୧୭/୦୧ (ନି.ପ୍ର): ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗଭୁଷଣ, ପୁଇଁତଲା ତହସିଲଦାର ରୋହିତ ଭୋଇ, ଏବିଡିଓ ଉପେନ୍ଦ୍ର ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଅଂଚଳର ବିଭିନ୍ନ ସମସ୍ୟାମୂଳକ ମୋଟ ୮୩ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧରୁ ୬୪ ଗୋଟି ବ୍ୟକ୍ତିଗତ ଅଭିଯୋଗମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୯ ଗୋଟି ଗ୍ରାମ୍ୟ ସମସ୍ୟାମୂଳକ ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ସାଗରପଡାର ପ୍ରଶାନ୍ତ ମଲ୍ଲିକ ଓ ମଞ୍ଜୁଲତା ବାରିକଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ସେହିପରି ଚିକିତ୍ସା ସହାୟତା ବାବଦରେ ପୁଇଁତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମର ବାବୁଲାଲ ତାଣ୍ଡିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ହଜାର ଟଙ୍କା ଓ ବହଲପଦର ଗ୍ରାମପଂଚାୟତ ଅନ୍ତର୍ଗତ ମଙ୍ଗଳାମୁଣ୍ଡା ଗ୍ରାମର ମିଳନ ପଧାନଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ସହାୟତା ଚେକ ମାଧମରେ ପ୍ରଦାନ କରାଯାଇଥିଲା । ଆଜି ପୁଇଁତଲା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ଠାରେ ପଂଚାୟତ ଲୋକ ସେବା ଶିବିର ମଧ ଅନୁଷ୍ଠିତ ହୋଇଥିଲା ।

# ପୁରୀ ଗୋବର୍ଦ୍ଧନ ମଠ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟପୁର ଗସ୍ତ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୧୭/୦୧ (ନି.ପ୍ର): ସନାତନୀଙ୍କ ଆରାଧ ଗୁରୁ ପୁରୀ ଗୋବର୍ଦ୍ଧନ ମଠର ୧୪୫ ତମ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଫେବୃଆରୀ ୫ ତାରିଖ ଦିନ ଜୟପୁରରେ ପ୍ରବାସ କାର୍ଯ୍ୟକ୍ରମ ଏବଂ ଜୟପୁର ଦଶହରା ପଡିଆ ଠାରେ ଧର୍ମସଭା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗାନ୍ଧୀ ଛକ ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ନଗରର ବିଶିଷ୍ଟ ବ୍ୟକ୍ତି ଶ୍ରୀ ଦିନବନ୍ଧୁ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ସଞ୍ଜୁ ଜୈନ, ଦେବେନ୍ଦ୍ର ବାହିନୀପତି, ବୁଲୁ ସାହୁ, ବ୍ରାହ୍ମଣ ସମାଜରୁ ବୁନୁ ରଥ, ସହ ସାନ ଚୌଧୁରୀ, ମନୁ ଆଚାର୍ଯ୍ୟ, ପି.କେ. ନାୟକ, ହରିହର କରସୁଧା ପଟନାୟକ, ଅକ୍ଷୟ ସାହୁ, ଇସ୍କନ ଘଣଶ୍ୟାମ ଭାଇ, ନିରଞ୍ଜନ ପାଣିଗ୍ରାହୀ, ରାମ ପାଣିଗ୍ରାହୀ, ରାମପ୍ରସାଦ ସାହୁ, ରାଜପାଳ ଖୁରାନା, ନରେଶ ମାଟାନିଆ ଏବଂ ବିଭିନ୍ନ ସନାତନୀ ସଂଗଠନର କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ । ଏହି ବୈଠକରେ ସ୍ୱାଗତ, ଖାଦ୍ୟ, ନିବାସ, ପ୍ରଚାର ପ୍ରସାର, ସୁରକ୍ଷା, ଅର୍ଥ ଇତ୍ୟାଦି କମିଟି ଗଠନ କରାଯାଇଥିଲା । ଆଗାମୀ ୨୨ ତାରିଖରେ ପୁରୀ ଗୋବର୍ଧନ ମଠରୁ କାର୍ଯ୍ୟକର୍ତା ଆସି ସ୍ଥିତି ପରଖିଲା ପରେ ଅନ୍ୟାନ୍ୟ କାର୍ଯକ୍ରମର ଚୂଡାନ୍ତ ନିଷ୍ପତି ନିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା ।

## ଆବାସ ଯୋଜନାର ହିତାଧିକାରିଙ୍କ ତାଲିକା ପ୍ରକାଶ

ଜୟପୁର, ୧୬ ଜାନୁଆରୀ (ହି.ସ.)- ଜୟପୁର ବ୍ଲକ ଅଧିନରେ ଥିବା ସମସ୍ତ ପଂଚାୟତରେ ଆବାସ ଯୋଜନାର ହିତାଧିକାରିଙ୍କ ତାଲିକା ପ୍ରକାଶ ପାଇଛି । ୧୬ ତାରିଖରୁ ୨୪ ତାରିଖ ଯାଏ ହିତାଧିକାରିଙ୍କ ନାମରେ କଣ ଅଭିଯୋଗ ଆସିଲେ ତୁରନ୍ତ ବ୍ଲକ କର୍ମଚାରି ଓ ଲାଇନ ଡିପାର୍ଟମେଂଟ କର୍ମଚାରିଙ୍କ ନିକଟରେ ଅଭିଯୋଗ କରିପାରିବେ । ଜୟପୁର ବ୍ଲକର ୨୨ଟି ପଂଚାୟତରେ ୩ ହଜାର ୭ ଶହ ୯ ଜଣ ହିତାଧିକାରି ରହିଥିବା ବ୍ଲକ ପ୍ରଶାସନ ସୂତ୍ରରୁ ସୂଚନା ଦିଆଯାଇଛି । ୯ ଦିନ ଭିତରେ ହିତାଧିକାରିଙ୍କ ଉପରେ କଣ ଅଭିଯୋଗ ଥିଲେ ଜୟପୁର ବ୍ଲକର ୨୨ଟି ପଂଚାୟତର ଗ୍ରାମବାସୀ ମାନେ ଦେଇପାରିବେ ଓ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ରାଜୀବ ଦାସ ସୂଚନା ଦେଇଛନ୍ତି । ସମସ୍ତ ପଞ୍ଚାୟତ କାଯ୍ୟାଳୟରେ ତାଲିକା ଲାଗିଥିବା ବେଳେ ପ୍ରତ୍ୟେକ ହିତାଧିକାରିଙ୍କ ଘର ଆଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲୋଗୋ ଲାଗିବ ।

# ଶୈବପୀଠ ଗୁପ୍ତେଶ୍ୱରର ବିକାଶ ନେଇ ଦାବିପତ୍ର ପ୍ରଦାନ

ଜୟପୁର, ୧୭/୦୧ (ନି.ପ୍ର): ପ୍ରସିଦ୍ଧ ଶୈବପିଠ ଗୁପ୍ତେଶ୍ୱରର ବିକାଶ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ଗୋପିନାଥ ସାରକାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗୁପ୍ତେଶ୍ୱର ଯୁବ ସଂଘ ତରଫରୁ ୧୨ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତଦାବୀ ଗୁଡିକ ହେଲା ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ଠାରୁ ନଦୀ ଘାଟ ଯାଏ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ, ଶାବେରି ନଦୀ ପାର୍ଶ୍ୱରେ ଶୌଚାଳୟର ପୁନଃଉଦ୍ଧାର, ସିରିବେଡା ଛକ ନିକଟରେ ନୂତନ ଶୌଚାଳୟ ନିର୍ମାଣ, ଶୈବ ପୀଠର ମସ୍ତକ ମଣ୍ଡନ ଗୃହ ନୂତନ ଭାବେ ନିର୍ମାଣ କରିବା, ଶୈବ ପୀଠରେ ଅସ୍ଥିକୁଣ୍ଡ ଓ ଛତିଶଗଡ ଯିବ ରାସ୍ତାର ପ୍ରଶସ୍ତିକରଣ କରିବା, ଶୈବ ପୀଠର ସ୍ୱର୍ଗଦ୍ୱାର, ପାରା ଭାଡି, ସିତା କୁଣ୍ଡ, ରାମ କୁଣ୍ଡ ରାସ୍ତାର ପ୍ରଶସ୍ତିକରଣ ଓ ପୁନଃ ଉଦ୍ଧାର କରିବା, ଶୈବ ପୀଠରେ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ବସଷ୍ଟାଣ୍ଡ ନିର୍ମାଣ, ଶୈବ ପୀଠ ପରିସରରେ ଆଲୋକିକରଣ କରିବା, ଶୈବ ପୀଠରେ ମନ୍ଦିର ଦ୍ୱାର ଠାରୁ ମୁଖ୍ୟ ଦ୍ୱାର ଯାଏ ଯାତ୍ରୀଙ୍କ ସୁରକ୍ଷା ପାଇଁ ବ୍ୟାରିକେଟ ନିର୍ମାଣ, ଶୈବ ପୀଠରେ ସିରିବେଡା ଠାରୁ ନଦୀ ଯାଏ ରାସ୍ତାର ଓସାର କରାଯାଉ, ଶୈବ ପୀଠରେ ଦୋକାନି ମାନଙ୍କ ପାଇଁ ନୂତନ ଗୃହ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି । ଏହି ଦାବିପତ୍ରର ନକଲ ଫାଇଭ-ଟି ସଚିବ ଓ ଜୟପୁର ଦେବୋତର ଅଧିକାରିଙ୍କୁ ପ୍ରଦାନ କରାଯାଇଥିବା ସହଦେବ ଦୁରୁଆ, ପୁଣ୍ଡ ଦୁରୁଆ, ତୁଳାରାମ ଦୁରୁଆ, ମଙ୍ଗଳା ଦୁରୁଆ, ପରଦେଶି ଦୁରୁଆ, ନରେନ୍ଦ୍ର କାନ୍ଦରିଆ ପ୍ରମୁଖ ପ୍ରକାଶ କରିଛନ୍ତି ।

# ସାରଙ୍ଗଡ଼ିଆନ୍ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

କନ୍ଧମାଳ, ୧୭/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ହାଇସ୍କୁଲ ପଡ଼ିଆ ଠାରେ ସାରଙ୍ଗଡ଼ ଫୁଟବଲ ଓ ଆଥଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ନବମ ରାଜ୍ୟସ୍ତରୀୟ ସାରଙ୍ଗଡ଼ ଫୁଟବଲ୍ ଚ୍ୟାଲେଞ୍ଜ କପ୍-୨୦୨୩ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ସମୁଦାୟ ଆଠଟି ଦଳ ଭାଗ ନେଇଥିବା ବେଳେ ବଲାଙ୍ଗୀର ଓ ସାରଙ୍ଗଡ଼ ରଜତ ଫୁଟବଲ ଟିମ୍ ଫାଇନାଲକୁ ପ୍ରବେଶ କରିଥିଲେ । ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ସାରଙ୍ଗଡ଼ ରଜତ ଫୁଟବଲ୍ ଟିମ୍ ୧-୦ରେ ବିଜୟ ଲାଭ କରି ଚମ୍ପିୟାନ ହୋଇଥିବା ବେଳେ ବଲାଙ୍ଗୀର ଫୁଟବଲ ଟିମ୍ ରନର୍ସ ଅପ୍ ହୋଇଛି । ଚମ୍ପିୟାନ ଦଳକୁ ଟ୍ରଫି ସହ ୧୭ ହଜାର ୧୭ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୧ହଜାର ୧୧ ଟଙ୍କା ଅର୍ଥରାଶି ଆୟୋଜକ କମିଟି ପକ୍ଷରୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ମିଳିମିଶି ସାରଙ୍ଗଡ଼ ଅଂଚଳବାସୀ ଶାନ୍ତି ଶୃଙ୍ଖଳାର ସହ ଏହି ଟୁର୍ଣ୍ଣାମେଂଟ ଆୟୋଜନ କରିଥିବା ବେଳେ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ସର୍ବ ଭାରତୀୟ କଂଗ୍ରେସ କମିଟି ସଦସ୍ୟ ଘନ କୁମାର ଶବର, କ.ନୁଆଗାଁ ସାଂସଦ ପ୍ରତିନିଧି ସହଦେବ ପାତ୍ର,୧ ନମ୍ବର ଯୋନ୍ ଜିଲ୍ଲା ପରିଷଦ ସଦସ୍ୟା ଅନିତା ମଲ୍ଲିକ ଯୋଗଦେଇଥିଲେ । କମିଟିର ସଭାପତି ସତ୍ୟବାନ ପ୍ରଧାନ, ଉପସଭପତି ପୁରସ୍ତମ୍ ସାହୁ, ସମ୍ପାଦକ ତ୍ରିନାଥ ଠାକୁର ବିଶୋଇ, ସହ ସମ୍ପାଦକ ପିତବାଶ ବିଶୋଇ, ଭୁଲେଶ୍ୱର ପ୍ରଧାନ, କୋଷାଧକ୍ଷ ବିମଳ କୁମାର ବିଶୋଇ, ସଂଯୋଜକ ରାକେଶ କୁମାର କୋଠଦଲାଇ, ପରାମର୍ଶଦାତା ସହଦେବ ପାତ୍ର, ଦାନରା ପ୍ରଧାନ, ବିସିକେସନ ପ୍ରଧାନ, ରୋହିତସ୍ୱ ନାୟକ, ରାଜେନ୍ଦ୍ର କୁମାର ତ୍ରିପାଠୀ, ବସନ୍ତ ପୂଜାରୀ, ମହାଦେବ ପ୍ରଧାନ, ସାରଙ୍ଗଡ଼ ସରପଂଚ ବରୁଣ କହଁର, ବଣ୍ଡଗୁଡ଼ା ସରପଂଚ ସଞ୍ଜୟ ପ୍ରଧାନ, ଜିରିଡ଼ିକିଆ ସରପଂଚ ସ୍ମୃତି ରାଜକୁମାରୀ ପ୍ରଧାନ ଏହି ଟୁର୍ଣ୍ଣାମେଂଟର ସମସ୍ତ ପ୍ରସ୍ତୁତି କରିଥିବା ବେଳେ ସାରଙ୍ଗଡ଼, ବଣ୍ଡଗୁଡ଼ା ଓ ଜିରିଡ଼ିଆ ପଂଚାୟତବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦର ୫ମ ବୈଠକ

ବଲାଙ୍ଗିର, ୧୭/୦୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଉପଖଣ୍ଡ ସ୍ତରୀୟ ଲକ୍ଷେଘର ଗଣ୍ଡା ସମାଜ, ପାଟଣାଗଡ ଆନୁକୁଲ୍ୟରେ ଓଡିଶା ଅସ୍ପୃଶ୍ୟ ଅନୁସୂଚୀତ ଜାତି ସୁରକ୍ଷା ପରିଷଦର ପଶ୍ଚିମ ଓଡିଶା ଅସ୍ପୃଶ୍ୟ ଦଳିତ ମହାସଭା ପାଟଣାଗଡ ଠାରେ ଉପଖଣ୍ଡର ସଭାପତି ଦିକସନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମଂଚ ପରିଚାଳନା କରିଥିଲେ ପାଟଣାଗଡ ସଂପାଦକ ଜୟନ୍ତ କୁମ୍ଭାର । ଏଥିରେ ମୁଖ୍ୟ ଅତିଥି ଭାବେ ପରିଷଦର ଅଧକ୍ଷ ଚୈତନ୍ୟ ପାଇକ, ସଂପାଦକ ଡଃ. ଅର୍ଜୁନ ମୁଗ୍ରୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିନୋଦ ପାତ୍ର, ରମେଶ ମହାନନ୍ଦ, ସତ୍ୟାନନ୍ଦ ସୁନା, ଡିଙ୍ଗର କୁମ୍ଭାର, ବିପିନ କୁସଲିଆ, ହରି ସିଂ ଗୁର୍ଲା, ସମ୍ଭୁ ନାଗ, ଦ୍ରୋଣ କୁମ୍ଭାର, ଦିନେଶ ନାଗ, ରାଣା ନାଗ ପ୍ରମୁଖ ଯୋଗଦେଇ ଅସ୍ପୃଶ୍ୟ ଅନୁସୂଚୀତ ଜାତି ବର୍ଗଙ୍କ ସୁରକ୍ଷା ନିମନ୍ତେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ମଂଚାସୀନ ଅତିଥିମାନେ ଆମ ଦଳିତ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପଦେଇ ଦୀପ ପ୍ରଜ୍ୱଳନ କରି ବୁଦ୍ଧ ବନ୍ଦନା ସହିତ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଭିନ୍ନ ଦଳିତ ଅନୁଷ୍ଠାନର କର୍ମକର୍ତା ଯଥା ଖପ୍ରାଖୋଲ ବ୍ଲକ, ବେଲପଡା ବ୍ଲକ ଓ ପାଟଣାଗଡ ବ୍ଲକ ସଭାପତି ବୃନ୍ଦ ତଥା ସମ୍ବିଧାନ ସଚେତନତା ଅଭିଯାନର କର୍ମକର୍ତା ହିମାଂଶୁ ବିଭାର, ଦଳିତ ଶିକ୍ଷକ ସଂଘର ସଭାପତି ବାସୁଦେବ ମୁଗ୍ରୀ, ସିଦ୍ଧ ଅନୁଷ୍ଠାନର କର୍ମକର୍ତା ରତିନ୍ଦ୍ର ରାୟ, ଜିଲ୍ଲା ଦଳିତ ବିକାଶ ମଂଚର ଭୁବନ ନାଗ, ଲକ୍ଷ୍ମଣ ଭରାସାଗର, ସୁରେଶ ମହାନନ୍ଦ, ଲବ ସୁନା, ଭୀମସେନାର ରମାକାନ୍ତ ରାବଣ ପ୍ରମୁଖ ସଂଗଠନକୁ କିପରି ମଜବୁତ କରାଯାଇ ପାରିବ ତା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ଜିଲ୍ଲାରୁ ତଥା ବିଭିନ୍ନ ବ୍ଲକରୁ ଆସିଥିବା କର୍ମକର୍ତା ଶହ ଶହ ସଂଖ୍ୟାରେ ଯୋଗଦେଇ ଅପରାହ୍ନ ଆଲୋଚନାଚକ୍ର ସେସନରେ ଗଠନମୂଳକ ମତ ଉପସ୍ଥାପନ କରିଥିଲେ । ଉକ୍ତ ସଭାରେ ବିସ୍ତୃତ ଆଲୋଚନା ପରେ ସ୍ଥିରିକୃତ ହେଲା ଯେ, ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା, ସମ୍ବିଧାନକୁ ଅନୁସରଣ ପୂର୍ବକ ପ୍ରତ୍ୟେକ ଜିଲ୍ଲାପାଳଙ୍କ ଜରିଆରେ କେଉଟ, କୈବର୍ତ, ଧୀବରମାନଙ୍କୁ ଅନୁସୂଚୀତ ଜାତି ତାଲିକାରୁ ବାଦ ଦେବା ପାଇଁ ବିହିତ ତଦନ୍ତ ନିମନ୍ତେ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହେଲା । ବଲାଙ୍ଗିର ଜିଲ୍ଲା ସ୍ତରୀୟ ସଂଗଠନକୁ ମଜଭୁତ କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ ଜିଲ୍ଲା କମିଟି ଗଠନ ନିମନ୍ତେ ସିଦ୍ଧାନ୍ତ ନିଆଯାଇ ସର୍ବ ସମ୍ମତିକ୍ରମେ ରତିନ୍ଦ୍ର ରାୟଙ୍କୁ ଜିଲ୍ଲା ସମନ୍ୱୟକାରୀ ଓ ଦିନେଶ ନାଗଙ୍କୁ ଯୁଗ୍ମ ସମନ୍ୱୟକାରୀ ଭାବେ ମନୋନିତ କରାଗଲା । ଏହି ପରିପ୍ରେକ୍ଷିରେ ସମସ୍ତ ବ୍ଲକର କମିଟି ଗଠନ ପରେ ଜିଲ୍ଲା କମିଟି ଗଠନ ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଗଲା । ସଭା ଶେଷରେ ପାଟଣାଗଡ ଉପଖଣ୍ଡର ଧନେଶ୍ୱର ନାଗଙ୍କ ଉଦ୍ବୋଧନ ଏବଂ ଓକିଲ ସୁଦର୍ଶନ ତାଣ୍ଡିଙ୍କ ଧନ୍ୟବାଦ ଜ୍ଞାପନ ସହ ସଭା ସାଙ୍ଗ ହୋଇଥିଲା ।

# କାହିଁକି ଶବମାନଙ୍କ ସହ ସମ୍ବନ୍ଧ ରଖନ୍ତି ଅଘୋରୀ ବାବା ? : ଜାଣନ୍ତୁ ରହସ୍ୟ



ହିନ୍ଦୁ ଧର୍ମରେ ସାଧୁ ସନ୍ଥ ମାନଙ୍କର ପୂର୍ବ କାଳରୁ ମହତ୍ତ୍ୱ ରହିଆସିଛି ଏବଂ ସେମାନଙ୍କର ଅନେକ ରୂପ ମଧ ରହିଛି । ପ୍ରକୃତରେ କହିବାକୁ ଗଲେ, କେତେକ ସାଧୁ ଅଛନ୍ତି ସେମାନେ ଅତ୍ୟନ୍ତ ଶାନ୍ତ ହୋଇଥାନ୍ତି, ହେଲେ କେତେକ ସାଧୁ, ଲୋକମନଙ୍କ ମନରେ ଭୟ ଏବଂ ରହସ୍ୟର ଭାବନା ସୃଷ୍ଟି କରିଥାନ୍ତି । ଆଜି ଆମେ ଅଘୋରୀ ସାଧୁ ମାନଙ୍କ କଥା କହିବାକୁ ଯାଉଛୁ, ସାଧୁ ଏବଂ ସାଧୁମାନଙ୍କର ଏହି ଭ୍ରାତୃତ୍ୱ ବହୁତ ଭିନ୍ନ ଅଟେ । ଭଗବାନଙ୍କୁ ପୂଜା କରିବାର ଉପାୟ ଅଘୋରୀ ବାବାଙ୍କର ବହୁତ ଅଲଗା । ପାଉଁଶରେ ଆଚ୍ଛାଦିତ ଲମ୍ବା କେଶ ଥିବା ଏହି ଅଘୋରୀ ବାବାଙ୍କ ରୂପ ଭଳି ଅନନ୍ୟ, ସେମାନଙ୍କ ଜୀବନ ସେମାନଙ୍କ ଅପେକ୍ଷା ଅଧିକ ଅନନ୍ୟ । ଆସନ୍ତୁ ଜାଣିବା ଅଘୋରୀ ବାବାଙ୍କ ଜୀବନ ସହିତ ଜଡିତ କିଛି ରହସ୍ୟମୟ କଥା । ଅଘୋରୀ ବାବା ଭଗବାନ ଶିବଙ୍କର ଜଣେ ଉପାସକ ଏବଂ ସର୍ବଦା ତାଙ୍କ ଭକ୍ତିରେ ବ୍ୟସ୍ତ ରୁହନ୍ତି । ଶିବଙ୍କ ପରି ସେ ଶବଦାହର ପାଉଁଶକୁ ନିଜ ଶରୀରରେ ବୋଳି ରଖନ୍ତି । କେଶ ରଖନ୍ତି, ରୁଦ୍ରକ ପିନ୍ଧନ୍ତି ଏବଂ ଦୁନିଆରେ ସେ ଆଧାତ୍ମିକ ଅଭ୍ୟାସରେ ବ୍ୟସ୍ତ ରୁହନ୍ତି । ସେମାନେ ପବିତ୍ର ନଦୀରେ ସ୍ନାନ କରିବା ପାଇଁ କେବଳ କୁମ୍ଭ, ମହାକୁମ୍ଭ, ମାଘ ମେଳା ଭଳି ବିଶେଷ ଉତ୍ସବରେ ଦୁନିଆ ସାମ୍ନାକୁ ଆସିଥାନ୍ତି ।

ଅଘୋରୀଙ୍କ ବିଷୟରେ କୁହାଯାଏ ଯେ, ସେମାନେ କଞ୍ଚା ମାନବ ମାଂସ ଖାଆନ୍ତି । ବାସ୍ତବରେ, ଅଧିକାଂଶ ଅଘୋରୀ ଶବଦାହରେ ରୁହନ୍ତି । ସେମାନେ ଅଧା ମୃତ ଶରୀରର ମାଂସ ଖାଆନ୍ତି । ସେମାନେ ମୃତ ଶରୀରକୁ ଅନେକ ଉପାୟରେ ବ୍ୟବହାର କରନ୍ତି ଏବଂ ବିଶ୍ୱାସ କରନ୍ତି ଯେ, ଏହା ସେମାନଙ୍କର ସିଷ୍ଟମ ଶକ୍ତିକୁ ମଜବୁତ କରେ । ଯାହା ସାଧାରଣ ଲୋକର ଆତ୍ମା ଏହିସବୁ ବିଷୟରେ ଚିନ୍ତା କରେ ନାହିଁ । ଅଘୋରୀ ମାନଙ୍କ ବିଷୟରେ କୁହାଯାଏ ଯେ, ସେମାନେ ଶବ ସହିତ ସମ୍ପର୍କ ସ୍ଥାପନ କରନ୍ତି । ଏହା ପଛରେ ଆଗୋରୀ ବାବାଙ୍କ ଯୁକ୍ତି ହେଉଛି ଏହା ସେମାନଙ୍କର ଶିବ ସାଧନାର ଏକ ଉପାୟ । ସେମାନେ ବିଶ୍ୱାସ କରନ୍ତି ଯେ, ଯଦି ସେମାନେ ମୃତ ଶରୀର ସହିତ ଶାରୀରିକ ସମ୍ପର୍କ ରଖିବା ସମୟରେ ମଧ ଶିବଙ୍କୁ ପୂଜା କରିପାରିବେ, ତେବେ ଏହା ସେମାନଙ୍କର ଆଧାତ୍ମିକ ଅଭ୍ୟାସର ଏକ ଉଚ୍ଚ ସ୍ତର ଅଟେ । କେବଳ ଏତିକି ନୁହେଁ, ଏହା ମଧ କୁହାଯାଇଛି ଯେ ଅଘୋରୀ ବାବା ଅନ୍ୟ ସାଧୁମାନଙ୍କ ପରି କିଛି ପାଳନ କରନ୍ତି ନାହିଁ, କିନ୍ତୁ ସେମାନେ ଋତୁସ୍ରାବ ସମୟରେ ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଏହା ସେମାନଙ୍କର ଅଘୋର ବିଦ୍ୟାକୁ ମଜବୁତ କରେ ଏବଂ ସେମାନଙ୍କର ଶକ୍ତି ବୃଦ୍ଧି କରେ । ଏହା ବ୍ୟତୀତ ଆଉ ଏକ ଜିନିଷ ଅଛି ଯାହା ଅଘୋରୀମାନେ କୁକୁରମାନଙ୍କୁ ବହୁତ ଭଲ ପାଆନ୍ତି, ସେମାନେ କୁକୁରମାନଙ୍କୁ ସେମାନଙ୍କ ସହିତ ରଖିବାକୁ ପସନ୍ଦ କରନ୍ତି ।

**କର୍ମ ହେଉଛି ଭଗବାନ, ଏହା କେବଳ ଏକ କଥା ନୁହେଁ ବରଂ ଏକ ସତ୍ୟ । ମଣିଷ ତାଙ୍କ ଚରିତ୍ର ଦ୍ୱାରା ନୁହେଁ ବରଂ ନିଜ କର୍ମ ଦ୍ୱାରା ମହାନ ହୋଇଯାଏ । ମଣିଷର କାର୍ଯ୍ୟ ତାଙ୍କ ଅବସ୍ଥା ଓ ଦିଗ ନିର୍ଣ୍ଣୟ କରେ । ଭଲ ଏବଂ ମନ୍ଦ କାର୍ଯ୍ୟର ଫଳ କେବଳ ବର୍ତ୍ତମାନ ନୁହେଁ ବରଂ ପରବର୍ତ୍ତୀ ଜୀବନରେ ମଧ ମିଳିଥାଏ । ଆଚାର୍ଯ୍ୟ ଚାଣକ୍ୟ ସେହି ଜିନିଷଗୁଡିକ ବିଷୟରେ ଉଲ୍ଲେଖ କରିଛନ୍ତି ଯାହା ସାଧାରଣ ପରିଶ୍ରମ ଦ୍ୱାରା କଦାପି ହାସଲ ହୋଇପାରିବ ନାହିଁ ।**

**ଯିଏ ଏହାକୁ ହାସଲ କରେ, ସେ କଠୋର ପରିଶ୍ରମ ଦେଇ ଗତି କରେ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଏହି ୪ଟି ଜିନିଷ ଅଛି ସେମାନଙ୍କୁ ଭାଗ୍ୟରେ ଧନୀ କୁହାଯାଏ । ଆସନ୍ତୁ ଜାଣିବା ଏହା କ'ଣ...**

ଜୀବନରେ ଏକ ବୁଦ୍ଧିମାନ ଓ ଗୁଣାବାନ ଜୀବନସାଥୀଙ୍କ ସୁଖ ସମସ୍ତଙ୍କ ଭାଗ୍ୟରେ ନଥାଏ । ପୂର୍ବ ଜନ୍ମରେ ବ୍ୟକ୍ତିର ଭଲ କାର୍ଯ୍ୟ ଆଧାରରେ ଏହି ସୁଖ ପ୍ରାପ୍ତ ହୁଏ । ଯେଉଁମାନଙ୍କର ଏକ ଭଲ ଜୀବନ ସାଥୀ ଅଛନ୍ତି ସେମାନଙ୍କୁ ଭାଗ୍ୟଶାଳୀ କୁହାଯାଏ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ମହିଳାଙ୍କୁ ସମ୍ମାନ କରନ୍ତି, ଯେଉଁମାନେ ତାଙ୍କୁ ପ୍ରତ୍ୟେକ ସୁଖ ଓ ଦୁଃଖରେ ସାଥିରେ ରୁହନ୍ତି ସେମାନେ ପ୍ରତ୍ୟେକ ଜନ୍ମରେ ଭଲ ଫଳ ପାଆନ୍ତି । ଟଙ୍କା ବିନା ଜୀବନ କଷ୍ଟସାଧ, ତେଣୁ ସମସ୍ତଙ୍କ ପାଖରେ ଟଙ୍କା ରହିବା ଉଚିତ୍ । କିଛି ଲୋକଙ୍କ ପାଖରେ କମ୍ ଅଛି ତ ଆଉ କିଛି ଲୋକଙ୍କ ପାଖରେ ଅଧିକ ଅଛି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଅର୍ଥ ସଠିକ ଭାବରେ ବ୍ୟବହାର କରିବାର କଳା ନାହିଁ । ଅର୍ଥକୁ ସଠିକ ଭାବରେ ବ୍ୟବହାର କରିବାର ଗୁଣ କେବଳ ସେହିମାନଙ୍କ ପାଇଁ ଉପଲବ୍ଧ, ଯେଉଁମାନେ ଏହାର ମୂଲ୍ୟ ବୁଝନ୍ତି, ଯେଉଁମାନେ ଲକ୍ଷ୍ମୀଙ୍କୁ କେବେ ଅସମ୍ମାନ କରିନାହାଁନ୍ତି । ଯଦି ତୁମର ଟଙ୍କା ସଠିକ ଭାବରେ ପରିଚାଳନା କରିବା ପାଇଁ ତୁମର ଜ୍ଞାନ ନାହିଁ, ତେବେ ତୁମକୁ ସାରା ଜୀବନ ଲକ୍ଷ୍ମୀଙ୍କ ଆଶିର୍ବାଦ ପାଇଁ ସଂଘର୍ଷ କରିବାକୁ ପଡ଼ିବ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନେ ଭଲ ଖାଦ୍ୟ ସହିତ ହଜମ କରିବାର ଶକ୍ତି ପାଇଛନ୍ତି ସେମାନଙ୍କୁ ବହୁତ ଭାଗ୍ୟବାନ କୁହାଯାଏ । ଆପଣ ଯେତେ ଭଲ ଖାଦ୍ୟ ଖାଆନ୍ତୁ ନା କାହିଁକି, ଯଦି ଆପଣ ଏହାକୁ ହଜମ କରିବାରେ ସକ୍ଷମ ନୁହଁନ୍ତି, ତେବେ ଶରୀର ନଷ୍ଟ ହେବାକୁ ଲାଗିବ, ରୋଗ ଆପଣଙ୍କୁ ଘେରି ରୁହେ । ଏକ ଆନ୍ତରିକ ହୃଦୟରେ କରାଯାଇଥିବା ଦାନ ମଧ ଗରିବ ଲୋକଙ୍କୁ ଧନୀ କରେ । ଚାଣକ୍ୟ କହିଛନ୍ତି ଯେ ଯେଉଁମାନଙ୍କର ଦାନ କରିବାର ଭାବ ଥାଏ ସେମାନେ ଜୀବନରେ ସର୍ବଦା ଅଗ୍ରଗତି କରନ୍ତି । ସେମାନେ ପ୍ରତ୍ୟେକ ପଦକ୍ଷେପରେ ଶୁଭଫଳ ପାଆନ୍ତି ।



# ଏହି ୪ଟି ଜିନିଷ ଥିବା ଲୋକ ହୋଇଥାନ୍ତି ଧନବାନ : ଚାଣକ୍ୟ

# ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

**ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...**





ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ କୁହାଯାଏ । ଯହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ । କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି । ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏଜି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

# କେବଳ ସୁସ୍ୱାଦୁ ନୁହେଁ, ଅନେକ ଶାରୀରିକ ସମସ୍ୟାର ଏହି ଗୋଟାଏ ବାଟ : ଦୈନିକ ଖାଆନ୍ତୁ, ସୁସ୍ଥ ରୁହନ୍ତୁ





ଦିନକୁ ଦିନ ମଣିଷମାନଙ୍କ ଆୟୁ ହ୍ରାସ ପାଇ ପାଇ ଚାଲିଛି । ତାହାର ଏକ ପ୍ରମୁଖ କାରଣ ହେଉଛି ଖାଦ୍ୟ । ଆମେ ଯଦି ଆମ ଯୁବାବସ୍ଥାରେ ଉତ୍ତର ଖାଦ୍ୟ ନଖାଇବା ବୟସ ବଢ଼ିଲେ ନାନା ରୋଗ ମାଡ଼ି ବସିବ । ଖାଲି ବୟସ ବଢ଼ିଲେ କାହିଁକି, ଆଜି କାଲି ତ କମ୍ ବୟସର ପିଲାଙ୍କୁ ବି ବିଭିନ୍ନ ରୋଗ ମାଡ଼ି ବସୁଛି । ତେବେ ଏପରି କିଛି ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରେ ଓ ଅନେକ ରୋଗ ହେବାର ସମ୍ଭାବନା ବି ହ୍ରାସ ପାଏ । ଅଙ୍ଗୁରକୁ ଶୁଖାଇ କରି କିସ୍‌ମିସ୍ ତିଆରି କରାଯାଏ ବୋଲି ଏକଥା ପ୍ରାୟ ସମେସ୍ତ ଜାଣନ୍ତି । ମାତ୍ର କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣନଥିବେ । କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଟକାଠିନତା ବି ଦୂର ହୋଇଥାଏ । ଶରୀରରେ ଆଇରନ୍ ସ୍ତର ବଢ଼ାଇବା ପାଇଁ ଏହା ଅତ୍ୟନ୍ତ ଅବ୍ୟର୍ଥ ଖାଦ୍ୟ ଭାବେ କାର୍ଯ୍ୟ କରେ । ଥଣ୍ଡା, ଜ୍ୱର, କାଶ ଆଦି ରୋଗରେ ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି । କେବଳ ସେତିକି ନୁହେଁ ଏହାର ସକରାତ୍ମକ ପ୍ରଭାବ ଆଖି, ଦାନ୍ତ କେଶ ଓ ହାଡ଼ ଆଦିରେ ପଡ଼ିଥାଏ । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟ୍ଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି । ଏହାବ୍ୟତୀତ ଏଥିରେ ଭିଟାମିନ, ସି, ଏ ଏବଂ ବି-୬ ମଧ ରହିଛି । ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜାଇ ଦିଅନ୍ତୁ । ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମସ୍‌କୁ ଖାଇଦିଅନ୍ତୁ । ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି । ଏହା ଶରୀରରେ ଅତିରିକ୍ତ ଚର୍ବି ନବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ । କିସ୍‌ମିସ୍‌ରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି । ଏହାଛଡ଼ା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ ଦୂର ହୋଇଥାଏ ଏହାକୁ ଖାଇବା ଦ୍ୱାରା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସୁରକ୍ଷିତ ଯାତ୍ରା...

ଜନସଂଖ୍ୟାରେ ବିସ୍ଫୋରଣ ଭିତରେ ଆମକୁ ବିଭିନ୍ନ ଘଟଣା-ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଦୁର୍ଘଟଣା କାହାରିକୁ କହି କରି ଆସିନଥାଏ । ଜଳବାୟୁର ପରିବର୍ତ୍ତନ ସହିତ କେଉଁଠି ଘନକୁହୁଡ଼ି ପାଇଁ ସଡ଼କ ଦୁର୍ଘଟଣା ଘଟୁଛି ତ' ଆଉ କେଉଁଠି ପ୍ରବଳ ଭୂକମ୍ପ ପାଇଁ ଧନ ଜୀବନ ହାନି ଘଟିବାରେ ଲାଗିଛି । ସମୁଦ୍ର ଜଳସ୍ତର କୂଳ ଲଂଘିବାରେ ଲାଗିଛି, ବହୁ ଜନବସତି ବିପନ୍ନ ହେବାର ଦେଖାଯାଉଛି । ଆଜିର ଦିନରେ ଉତ୍ତରାଖଣ୍ଡର ଜୋଶୀମଠ ଓ କର୍ଣ୍ଣପ୍ରୟାଗର ଦୁଃସ୍ଥିତି ଦେଖିଲେ ଜାଣିହେବ ଯେ, ତାହା ଜନଜୀବନକୁ କିଭଳି ସଙ୍କଟଗ୍ରସ୍ତ କରିପକାଇଲାଣି । ତାହା ସଡ଼କପଥ ହେଉ କିମ୍ବା ରେଳପଥ, ଅସାବଧାନତା ପାଇଁ କିଭଳି ଯାତ୍ରୀମାନଙ୍କ ଜୀବନକୁ ବିପଦଗ୍ରସ୍ତ କରିଦେଉଛି । କିଛିଦିନ ତଳେ ଯାଜପୁର ରୋଡ୍ ନିକଟ କୋରେଇ ଷ୍ଟେସନ୍‌ରେ ପ୍ଲାଟଫର୍ମ ଉପରକୁ ମାଲଗାଡ଼ି କିଭଳି ଚଢ଼ିଯାଇଥିଲା, ସେଥିରେ ଏକାଧିକ ମହିଳାଙ୍କର ମୃତ୍ୟୁ ଘଟିଥିଲା, ଅନେକ ଗୁରୁତର ଆହତ ହୋଇଥିଲେ । ଉପଯୁକ୍ତ ସଚେତନତା ଅଭାବରୁ ଏମିତିରେ ଦୁର୍ଘଟଣା ଘଟୁଛି । ଯେତେ ସତର୍କବାଣୀ ଦିଆଯାଉଥିଲେ ସୁଦ୍ଧା ତାହାକୁ ମାତାଲ ଚାଳକମାନେ ଗୁରୁତ୍ୱ ଦେଉନଥିବାରୁ ମୃତ୍ୟୁସଂଖ୍ୟା ବଢୁଛି । ଜଳ-ସ୍ଥଳ-ଆକାଶ କୌଣସି କ୍ଷେତ୍ର ଦୁର୍ଘଟଣା ମୁକ୍ତ ନୁହେଁ । ଚାଳକ ଓ ଯାତ୍ରୀ କିଭଳି ଅସୁରକ୍ଷାଜନିତ ଦୁର୍ଘଟଣାର ଶିକାର ହେଉଛନ୍ତି, ତାହାର ପ୍ରମାଣ ରଖିବାକୁ ପଡ଼ିବ ନାହିଁ । କିଛିଦିନ ତଳେତ ଗୁଜରାଟରୁ ମୁମ୍ବାଇ ନିଜ ବିଳାସପୂର୍ଣ୍ଣ କାର୍‌ରେ ଆସୁଥିବା ବେଳେ ଡିଭାଇଡର ଉପରକୁ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହେବାର ଶିଳ୍ପପତି ସାଇରସ୍ ମିସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା । କୁହାଯାଉଛି ଯେ ମିସ୍ତ୍ରୀ ସିଟ୍ ବେଲ୍ଟ ପିନ୍ଧିଥିଲେ ହୁଏତ ଶିଳ୍ପପତିଙ୍କର ଅମୂଲ୍ୟ ଜୀବନ ରକ୍ଷା ହୋଇପାରନ୍ତା । ଦେଶର ଉଚ୍ଚ ପ୍ରତିରକ୍ଷା ସେନାଧକ୍ଷ ବିପିନ୍ ସାକ୍‌ସେନାଙ୍କର ସସ୍ତ୍ରୀକ ବିମାନ ଦୁର୍ଘଟଣାଜନିତ ମୃତ୍ୟୁ ଦେଶବାସୀଙ୍କ ସ୍ମୃତିରେ ସତେଜ ରହିଛି । ନେପାଳରେ ଦିନକ ତଳେ ଯାତ୍ରୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୭୨ ଜଣଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଛି । ପୋଖରାଠାରେ ୟେତି ଏୟାରଲାଇନ୍‌ସର ଏହି ବିମାନ ଅବତରଣ କରିବାର କେଇ ମିନିଟ୍ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହେଲା । ନେପାଳରେ ଅଳ୍ପଦିନ ତଳେ ଅନ୍ୟ ବିମାନ ଦୁର୍ଘଟଣା ହୋଇ ବହୁ ଜୀବନ ହାନି ହୋଇଥିଲା । ଏଥର ୬୮ ଜଣ ଓ ୪ ଜଣ ବିମାନ କର୍ମଚାରୀଙ୍କର ନିଧନ ନେପାଳ ସରକାରଙ୍କ ପାଇଁ ଦୁର୍ଯୋଗ ଆଣିଦେଇଛି ବୋଲି କହିହେବ । କେଉଁ କାରଣରୁ ବିମାନ ଦୁର୍ଘଟଣା ଘଟିଥିଲା, ତାହା ବ୍ଲାକ୍ ବକ୍ସରୁ ପରୀକ୍ଷା ପରେ ଜାଣିହେବ । ମୃତ୍ୟୁ ଯାତ୍ରୀଙ୍କ ନିକଟ ସମ୍ପର୍କୀୟଙ୍କୁ କେତେ ଓ କିଭଳି କ୍ଷତିପୂରଣ ଦିଆଯିବ, ତାହା ପ୍ରଶାସନ ବୁଝିବ । ମାତ୍ର ଅମୂଲ୍ୟ ଜୀବନ ରକ୍ଷାରେ ବିମାନଯାତ୍ରା ଏକପ୍ରକାର ବିଫଳ, ତାହା ସମସ୍ତେ ଦେଖିପାରୁଛନ୍ତି । ବିମାନ ହେଉ କି ରେଳ, ସଡ଼କ ହେଉ କି ଜଳପଥ, ସବୁଥିରେ ବିପଦ ରହିଛି । ଯାନ୍ତ୍ରିକ ତ୍ରୁଟି ବାଦ୍ ସତର୍କତାପୂର୍ଣ୍ଣ ପରିଚାଳନା ସମସ୍ତଙ୍କ ପାଇଁ ବୃହତ୍ ଆହ୍ୱାନ ହୋଇ ରହିଛି, ରହିବ । ବେପରୁଆ ଗାଡ଼ିଚାଳନା ପାଇଁ ଯାତ୍ରୀମାନଙ୍କୁ ବିପନ୍ନ କରିବାର ଝୁଙ୍କ୍ ନେବା ଅର୍ଥ, ସମସ୍ତଙ୍କ ଜୀବନକୁ ପାଣି ଛଡ଼ାଇଦେବା । ବିପଦ ସବୁ ସମୟରେ ଅନାଗତ । ତାହା କିଭଳି କେଉଁ ବାଟଦେଇ ଆସିବ, କେହି କହିନପାରନ୍ତି । ଭାରତର ସିଲିକନ୍ ଭ୍ୟାଲି କୁହାଯାଉଥିବା ବେଙ୍ଗାଲୁରୁ ସହରରେ ନିର୍ମାଣାଧିନ ବ୍ରିଜ୍‌ର ପିଲାର୍ ଭୁଶୁଡ଼ି ଲୋକଙ୍କ ମୃତ୍ୟୁ ହେଉ କିମ୍ବା ପଟ୍‌ହୋଲ୍‌ରେ ପଡ଼ି ମା' ଶିଶୁଙ୍କ ମୃତ୍ୟୁ, ତାହା ସେଠିକାର ପ୍ରଶାସନର ବେପରୁଆ କାର୍ଯ୍ୟର ନମୁନା ବୋଲି କହିହେବ । ମାତ୍ର ଦୁର୍ଘଟଣା ପାଇଁ ସତର୍କତା ସବୁ ସମୟରେ ସବୁ ନାଗରିକଙ୍କର ସୁରକ୍ଷା କବଚ । ବଡ଼ ଭାରୀଯାନରେ ଚଳାକମାନେ ଇନ୍ଦ୍ରଚନ୍ଦ୍ର ମାନନ୍ତି ନାହିଁ । ସେଭଳି ଗୋଟିଏ ଘଟଣା, ଜଣେ ଆଇଟି ଚାକିରି କରୁଥିବା ତରୁଣୀ କ୍ଷେତ୍ରରେ ଦେଖାଦେଇଛି ବେଙ୍ଗାଲୁରୁରେ । ସାନଭାଇକୁ କୋଚିଂ ସେଣ୍ଟରରେ ସ୍କୁଟିରେ ଛାଡ଼ିବାକୁ ଯାଇ ଫେରିବା ବାଟରେ ଭାରୀଯାନ ଚଢ଼ିଯିବାରୁ ତରୁଣୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହେଲା । ଟ୍ରକ୍ ଚାଳନା ଉପରେ ନିୟନ୍ତ୍ରଣର ଅଭାବ କୁପରିଣତି କିଭଳି ଭୟଙ୍କର ହୋଇପାରେ, ତାହାର ଏହା ଏକ ନମୁନା । ଦିଲ୍ଲୀରେ ଜଣେ ଯୁବତୀଙ୍କ ସ୍କୁଟିକୁ ବାର-ତେର କିଲୋମିଟର ପର୍ଯ୍ୟନ୍ତ ଟାଣି ଟାଣି ଗୋଟିଏ କାର୍ ରକ୍ତାକ୍ତ ଓ ବେହୋସ୍ କରି ମାରିଦେଲା, ତାହା ଦେଶବାସୀଙ୍କ ପାଇଁ ଛାତିଥରା ଅନୁଭୂତି ଥିଲା । ଶେଷରେ ଅଭିଯୁକ୍ତମାନେ ମାନିଲେ ଯେ ଅସାବଧନତାବଶତଃ ଏହି କାଣ୍ଡ ଘଟାଇ ଯୁବତୀଙ୍କ ମୃତ୍ୟୁର କାରଣ ହୋଇଛନ୍ତି । ବିମାନ ଦୁର୍ଘଟଣା, ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଓ ସଡ଼କ ଦୁର୍ଘଟଣା ଭଳି ଦୁଃସମ୍ବାଦ ଆମ ଜୀବନଚର୍ଯ୍ୟାର ଅଂଶବିଶେଷ ହୋଇସାରିଲାଣି । କିଭଳି ଦୁଃସ୍ଥିତିରୁ ରକ୍ଷା ମିଳିବ, ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହେଲାଣି । ସୁରକ୍ଷିତ ଗାଡ଼ିଚାଳନା ପାଇଁ ନାଗରିକ ସଚେତନତା ସର୍ବାଦୌ ଆବଶ୍ୟକ ।

# ଚାଷୀ କ'ଣ ସ୍ୱପ୍ନ ଦେଖି ପାରେ !!!



**ଡ଼ି ଶୁଭମ୍**



ଚାଷ କାମ ଯାହାର, କି ଆନନ୍ଦ ତାହାର-ପୁରାତନ ଯୁଗର ଏହି ଉକ୍ତିଟି ଦିନେ ସଭିଙ୍କୁ ଆତ୍ମୀୟତାର ଡ଼ୋରିରେ ବାନ୍ଧି ରଖିଥିଲା। ଗ୍ରାମ ଜୀବନର ପ୍ରଧାନ ଏନ୍ତୁଡ଼ିଶାଳ ଏଇ ଚାଷ ଜମି । ଯିଏ ଖାଲି ପେଟକୁ ଦାନା ନି ମୁଠାଏ ଯୋଗାଏନି ବରଂ ମନବୃନ୍ଦାବନକୁ ଏକ ନିଆରା ସନ୍ତୋଷରେ ପରିତୃପ୍ତ କରେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟଭାବେ ବେଶ୍ ଜଣାଶୁଣା। କୃଷି ଜାବନର ମାନଦଣ୍ଡ, ଅର୍ଥନୀତିର ମାପକାଠି। କୃଷି ଯିଏ ଚାଷୀର ମାନସପୁତ୍ର ଆଉ ସାଧାରଣ ମଣିଷର ଜାଇଁବାର ଚାବିକାଠି। ଆଉ ଏଇ ଚାଷ ଜମିରେ ଯିଏ ସୁନାର ଫସଲକୁ ସର୍ବସମ୍ମୁଖରେ ଉପସ୍ଥାପନ କରେ - ସେ ହିଁ ଚାଷୀ। ଚାଷ ଓ ଚାଷୀ ଏକ ସ୍ୱତନ୍ତ୍ର ଅନୁଭବ।

କୃଷି ଓ କୃଷକର ବିକାଶକୁ ଦୃଷ୍ଟିରେ ରଖି ସବୁବେଳେ ସରକାର ବିହିତ ପଦକ୍ଷେପ ନେଉଛନ୍ତି , ଏକଥା କାହାକୁ ଅଛପା ନାହିଁ। ରାଜ୍ୟ ବଜେଟର ସବୁବେଳେ ଫୋକସ୍‌ରେ କୃଷି ଥାଏ। ସରକାର କୃଷି ଓ କୃଷକର ସଶକ୍ତିକରଣ ଦିଗରେ ବେଶ ଯତ୍ନଶୀଳ। ସବୁ ସମୟରେ କୃଷିକୁ ଏକ ନୂତନ ମାର୍ଗଦର୍ଶନ ଦେବା ଦିଗରେ ଚେଷ୍ଟିତ । ସେଥିପାଇଁ ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନାର ପରିକଳ୍ପନା କରିଥାନ୍ତି। କିପରି ଚାଷୀ ଏହାର ପ୍ରକୃତ ଲାଭ ପାଇପାରିବ, ସେ ଦିଗରେ ବି ଚନ୍ତା କରନ୍ତି। କିନ୍ତୁ ସମୟେ ସମୟେ ଏ ଯୋଜନା କେତେବେଳେ ବାଟବଣା ହୋଇଯାଏ, ସେକଥା କାହାକୁ ଜଣା ନଥାଏ।

ସ୍ୱପ୍ନ କିଏ ବା ନଦେଖେ। ନିଜ ସ୍ୱପ୍ନରେ ଦୁନିଆରେ ମତୁଆଲା ହେବାକୁ କିଏ ବା ନ ଚାହେଁ। ହେଲେ ନିୟତିର ସର୍ଜନା ସତରେ ବିଚିତ୍ର। ଆମେ ଆମ ଜୀବନରେ ଅନେକ ଅଙ୍କିଛି ସ୍ୱପ୍ନ ଦେଖନ୍ତୁ, ତାହାକୁ ବାସ୍ତବତାର ରଙ୍ଗ ଦେବା ପାଇଁ ଚେଷ୍ଟା ବି କରୁ , କେତେ ଜଣ ସଫଳ ହୁଅନ୍ତି ଆଉ କେତେ ବିଫଳ ପୁଣି ଆଉ କେତେ ଏ ସ୍ୱପ୍ନ ଦେଖିବାକୁ ପ୍ରୟାସ କରିବାକୁ ଡ଼ରନ୍ତି। ଆମେ ଖବରକାଗଜ ହଉ କି ଟିଭି ଅବା ସୋସିଆଲ ମିଡ଼ିଆ, ଏବେ ସବୁଠି ଚାଷୀମାନଙ୍କୁ ନେଇ ବିଭିନ୍ନ ସଭା ସମିତି କରାଯାଉଛି। ଚାଷୀ ମାନଙ୍କୁ ନେଇ ଏବେ ଅନେକ ଏଫ.ପି.ଓ ବି ଖୋଲିଲାଣି। କିନ୍ତୁ ସତରେ କଣ ଚାଷୀ ସ୍ୱପ୍ନ ଦେଖେ?? ସତରେ କଣ ଚାଷୀ ମନରେ ସେ ସ୍ୱପ୍ନକୁ ରଙ୍ଗ ଭରିବାକୁ ଚେଷ୍ଟା କରେ ?? ନା ଚେଷ୍ଟା କରିବା ପୂର୍ବରୁ ହାରିଯିବାର ଭୟରେ ପ୍ରୟାସ କରେନି। ସତରେ ଏସବୁ ଜଟିଳ ପ୍ରଶ୍ନ ଭିତରେ ମୁଁ ଛନ୍ଦି ହୋଇଯାଇଛି। କୃଷି ବିଜ୍ଞାନର ଛାତ୍ର ହୋଇ ଛଅ ବର୍ଷ ଚାଷୀଙ୍କ ସହ ପ୍ରତ୍ୟକ୍ଷ ସହ ମିଶି ଏ ସବୁ ଭିତରେ ମୁଁ ଆଜି ବି ସମାଧାନ ଖୋଜି ପାଏନି। ଏଇ କିଛି ଦିନ ତଳେ ବୌଦ୍ଧ ଯିବାର ସୁଯୋଗ ମିଳିଥିଲା। ପୁଣିଥରେ ସେ ମାଟିର ପୁଅଙ୍କ ସହ ମିଶିବାର ଜାଣି ଖୁସି ବି ହୋଇଥିଲି। ପୂର୍ବରୁ କେବେ ବୌଦ୍ଧ ମାଟିକୁ ଯାଇନଥିଲେ ବି ବାଟରେ ଗଲା ବେଳେ ଅନେକ ଚାଷ ଜମି ଦେଖି ବହୁତ କିଛି ଭାବିଥିଲି। ଏହା ସତ ଯେ ଚାଷୀ ମାଟିର ମଣିଷ। ସେ କେବେ ବାବୁ ହାକିମର ପଦ ମାଗେନି। ସେ ଦରଦୀ ହୃଦୟର ପ୍ରାଣ। ତେବେ ଏଇ ଭିତରେ ବୌଦ୍ଧ ସହରଠୁ କିଛି ଦୂର ଗାଁ ମାନଙ୍କୁ ଗଲି କାଜୁ ଉଦ୍ୟାନ ବୁଲିବାକୁ। ହେଲେ ସେଠାରେ ପହଁଚି ଚାଷୀମାନଙ୍କୁ ଦେଖି ମୁଁ ନିଜେ ନିଜକୁ ପ୍ରଶ୍ନ କରିବାକୁ ବାଧ ହେଲି। ଆମ ରାଜ୍ୟର କୌଣସି ଯୋଜନା କି ଅନ୍ୟ କିଛି କାହାକୁ ବି ଜଣାନାହିଁ। ଏ ଅଂଚଳରେ ଅନେକ ଚାଷୀ ଜୈବିକ ଚାଷକୁ ନିଜର ସବୁକିଛି ବୋଲି ବିବେଚନା କରିଥିବା ସତ୍ତ୍ୱେ ବି ସେମାନେ କୌଣସି ସରକାରୀ ଯୋଜନାର ଲାଭ ପାଇବା ତ ଦୂରର କଥା, ସରକାରଙ୍କ ଯୋଜନା ବିଷୟରେ ବି ଅଜ୍ଞ ଅଛନ୍ତି। କଥା ଛଳରେ ମୁଁ ସେମାନଙ୍କୁ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ କହିବା ବେଳେ ସୋମନେ ଭାବବିହ୍ୱଳ ହୋଇ ଯାଇଥିଲେ । କାରଣ ମଣିଷ କଷ୍ଟ କରି ଯଦି ଫଳ ନପାଏ, ଦୁଃଖ କରେ। ସାର ବିଷ କିଣିବାକୁ ଟଙ୍କା ନାହିଁ - ଏ ତ ଗୋଟିଏ ଦିଗ। କିନ୍ତୁ ସେମାନେ ଜୈବିକ ଚାଷ ପାଇଁ ଏତେ ଆଗଭର ତାହା ଦେଖି ଖୁସି ଲାଗିଲା। ଏମିତି ଚାଷୀଙ୍କ ସହ ମିଶିଲୁ ଯେଉଁ ମାନେ ୩୦ବର୍ଷ ହେବ ଜୈବିକ ଚାଷ କରିଆସୁଛନ୍ତି। ଭଳିକି ଭଳି ସବୁଜ ପନିପରିବା ସହ କ୍ଷେତ ସବୁଜିମାମୟ ହୋଇଯାଇଛି। କିନ୍ତୁ ସେମାନେ ଆଜି ଯାଏଁ ବି ସରକାରୀ ଯୋଜନା ବିଷୟରେ ଅବଗତ ହୋଇପାରୁନାହାନ୍ତି। ଆମ ରାଜ୍ୟର ବଳ ହେଉଛନ୍ତି ଆମ ଚାଷୀ। ଚାଷୀ ଯଦି ଏମିତି ଅନ୍ଧକାର ଭିତରେ ଗତି କରିବେ ତେବେ ସମାଜରେ ଲୁଟ୍ ଆଉ ଦୁର୍ନୀତି ଚରମ ସୀମା ଟପିଯିବ, ଏଥିରେ ସନ୍ଦେହ ନାହିଁ। ଏଠାରେ ସରକାରଙ୍କର କିଛି କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିବାକୁ ଚେଷ୍ଟା କରିବି।

ତଥ୍ୟ ଅନୁସାରେ କାଳିଆ ଯୋଜନା ସରକାରଙ୍କର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। ତେବେ କେତେକ ଚାଷୀ ଏହି ଯୋଜନାର ଉପକୃତ ହୋଇଥିଲେ ହେଁ ଏଥିରେ ବିଭିନ୍ନ ଅଯୋଗ୍ୟ ହିତାଧିକାରୀ ଏହାର ଫାଇଦା ଉଠାଇଥିଲେ। ଯେଉଁମାନେ ଚାଷୀ କିମ୍ବା ଭାଗଚାଷୀ ନୁହଁନ୍ତି, ସେମାନେ ବି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ଲାଭ ନେଇଥିଲେ। ସେତେବେଳେ ପ୍ରକୃତ ଚାଷୀମାନେ ଏଥିରୁ ବାଦ ପଡ଼ିଯାଇଥିଲେ। ତଥାପି ଚାଷୀ କେବେ ଟଙ୍କା ପଇସାରେ ମୋହ ରଖେନି। ତା ପାଇଁ ବାବୁ ହାକିମ ସବୁ ସେଇ ଚାଷ। ସେ ଖଟିଲେ ଖାଇବ। ସେ ଚାଷ ଜମି ତା' ପାଇଁ ଜୀବନର ସବୁଠାରୁ ବଡ଼ ରାଇଜ। ତେବେ କେଇଟା ଟଙ୍କା ମୋହରେ ଅନ୍ଧ ହୋଇ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଏ ଯୋଜନାର ଲାଭାର୍ଥି ହୋଇଯାଇଛନ୍ତି। ତେବେ ଏ ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାରଙ୍କ ତରଫରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରି ସେମାନଙ୍କ ଠାରୁ କାଳିଆ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ କିପରି ଏ ଯୋଜନାର ଫାଇଦା ଉଠାଇପାରିଲେ? ତେବେ ସରକାରଙ୍କର ପ୍ରତିଟି ଯୋଜନା ଚାଷୀଙ୍କ ପାଇଁ ସମର୍ପିତ ଥାଏ। ଚାଷୀ କ୍ଷେତରେ ନିରନ୍ତର ଭାବେ ନିଜ କର୍ମ ସମ୍ପାଦନ କରୁଥାଏ। ଆଜି ଯଦି ଆମେ ଖାଦ୍ୟ ଖାଇବାର ସ୍ୱପ୍ନ ଦେଖୁଛେ, ତେବେ ଏହା କେବଳ ଚାଷୀର ଶ୍ରମର ସାର୍ଥକତା ପାଇଁ। କିନ୍ତୁ ଯନି ପ୍ରକୃତ ଚାଷୀ ସରକାରଙ୍କ ଯୋଜନାରେ ଅ'ର୍ଭୁକ୍ତ ହୋଇ ନପାରିଲା, ତେବେ ଏହା ଠାରୁ ବଡ଼ ଦୁଃଖର ବିଷୟ ଆଉ କିଛି ହୋଇନପାରେ। ସଭ୍ୟତାର ମାପକାଠି ବୋଲାଉଥିବା ଚାଷୀ ଯଦି ଅବହେଳିତ ହୁଏ, ତାହେଲେ ଦେଶର ଅର୍ଥନୀତିର ବିକାଶକୁ ଆଶା କରିବା ଏକ ଧୃଷ୍ଟତା ହେବ।

ଏହାପରେ ସରକାରଙ୍କ ତରଫରୁ ପୁଣି ବଳରାମ ଯୋଜନା ଚାଷୀଙ୍କ ପାଇଁ ଘୋଷଣା କରାଯାଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ କଅଷି ଉଦ୍ୟୋଗ ଯୋଜନା ଓ ଏମିତି ଅନେକ କିଛି। ପୁଣି ଥରେ କିପରି ଏଥିରେ ପ୍ରକୃତ ଚାଷୀ ଲାଭ ପାଆନ୍ତୁ ଏବଂ ଏହାର ସୁଫଳ କେବଳ ଚାଷୀକୁ ମିଳୁ, ଏହାକୁ ଦୃଷ୍ଟି ଦେବା ଉଚିତ୍। ଏ କ୍ଷେତ୍ରରେ ଉପଯୁକ୍ତ ଓ ସଠିକ ଟ୍ରାନ୍ସପରେନ୍ସି ଆବଶ୍ୟକ। ଯୋଜନାରେ ସ୍ୱଚ୍ଛତା ପରିପ୍ରକାଶ ହେଲେ ଏହା ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରିବ।

ବିଗତ କିଛି ବର୍ଷ ତଳେ କରୋନାର ମହାମାରୀରେ ଦେଶ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଗତି କରୁଥିଲା। ଯେଉଁସମୟରେ ଆମେ ସମସ୍ତେ ଏ ମହାମାରୀକୁ ଡ଼ରି ଘରେ ବସିଥିଲେ , ଚାଷୀ କିନ୍ତୁ ନିଜ କର୍ମ ପଥରୁ ବିଚ୍ୟୁତ ହୋଇନଥିଲା। ସେ ଚାଷ କରିଛି। ଆଉ ସେଥିପାଇଁ କୃଷି କ୍ଷେତ୍ରରେ ଜିଡ଼ିପି ଅଭିବୃଦ୍ଧି ଘଟିଛି। ତେବେ ଏଇ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା କୃଷି ବିଲ୍। କୃଷି ଓ କୃଷକଙ୍କ ବିକାଶକୁ ଆଭିମୁଖ୍ୟ କରି ଆନୀତ ଏହି ବିଲ କେତତେଦୂର ଚାଷୀଙ୍କ ପାଖରେ ପହଁଚିପାରୁଛି, ଚାଷୀ କେତେଦୂର ଏହାର ଲାଭାର୍ଥୀ ହୋଇପାରୁଛି, ସେକଥା ଖୋଦ ଚାଷୀ ହିଁ ମତବ୍ୟକ୍ତ କରିପାରେ।

ବାସୁଦେବପୁର, ଭଦ୍ରକ
ମୋ-୯ବ୪୩୮୪୬୭୦୭୯

# ନଭର ନକ୍ଷତ୍ର

**ସୁଧାଂଶୁ ଶେଖର ଦ୍ୱିବେଦୀ**



ନିୟତି କାହାକୁ ଛାଡିନାହିଁ। ନିୟତିର ମୃତ୍ୟୁ ଫାଶରେ ସମସ୍ତେ ଦିନେ ଧରା ସଂସାର ଛାଡି ମୋକ୍ଷ ପ୍ରାପ୍ତି ହୋଇଛନ୍ତି। ସ୍ୱୟଂ ଈଶ୍ୱର ମଧ ମାନବ ଶରୀରରେ ଅବତୀର୍ଣ୍ଣ ହୋଇ ମୃତ୍ୟୁ କୋଳରେ ଶୋଇଯାଇଛନ୍ତି। ମୃତ୍ୟୁ ନିଶ୍ଚିତ, କେହି ଟାଳି ପାରବେ ନାହିଁ। ନିୟତିର ବିଧାନ ଅନୁସାରେ ମୃତ୍ୟୁକୁ କେହି ଅଟକାଇ ପାରି ନାହାନ୍ତି। ସାରା ବ୍ରହ୍ମାଣ୍ଡ ଉପରେ ଗବେଷଣା କରୁଥିବା ବଡ଼ ବଡ଼ ବୈଜ୍ଞାନିକମାନେ ମଧ ମୃତ୍ୟୁ ନିକଟରେ ହାର ମାନିଛନ୍ତି। ଯଦି ମୃତ୍ୟୁ ସତ୍ୟ, ଜୀବନ ବି ସତ୍ୟ। ଜନ୍ମ ପରେ ଜୀବନର ପ୍ରାରମ୍ଭ ବୟସ ନିର୍ଦ୍ଧାରଣର ରେଖା ଲମ୍ବିଯାଏ ନିଶ୍ଚିତ ସମୟ ପର୍ଯ୍ୟନ୍ତ।ଜୀବରୁ ଜନ୍ମିତ ଜୀବନ ଜଞ୍ଜାଳମୟ।ଜଞ୍ଜାଳ ଭିତରେ ଥାଏ ସୁଖ-ଦୁଃଖ,ହାନି-ଲାଭ,ଭଲ-ଖରାପର ଅନେକ ଅନେକ ମାର୍ଗ । ଜୀବନ ସେ ମାର୍ଗ ଅତିକ୍ରମ କରି ଆଗାଏ, ଦଉଡେ। ଯିଏ ଜୀବନ ଜଞ୍ଜାଳକୁ କଷଟି ପଥରରେ କଷି କଷି ଆଗକୁ ବଢି ପାରିଛି ସେ ହିଁ ଜୀବନ ଜିଇବାର କଳାକୁ ଅନୁଭବ କରିପାରିଛି।

ମଉସା! (ଶ୍ରୀଯୁକ୍ତ ବିଦ୍ୟାଧର ରଥ) ଜଣେ ସେହିପରି ଆଗ ଧାଡ଼ିର ମଣିଷ ଥିଲେ। ହୁଏତ କେବଳ ମଣିଷ ଉପମା ତାଙ୍କପାଇଁ ଉପଯୁକ୍ତ ନୁହେଁ । ବିଜ୍ଞ, ଗୁଣି, ଶିକ୍ଷାବିତ, ଲେଖକ ଏବଂ ଜଣେ ପ୍ରଜ୍ଞା ପୁରୁଷ ଭାବେ ସେ ସମସ୍ତଙ୍କଠି ଆଦୃତ ଥିଲେ। ଜୀବନ ଜିଇବାଠାରୁ ଜିତିବାର ସୂତ୍ରଧର ରୂପେ ଜଣେ ଛଳନା ବିହୀନ, କପଟ ଶୂନ୍ୟ, ଆମାୟିକ, ଭଦ୍ରତାର ମୋହର ତାଙ୍କ ଜୀବନ ପରିଧିର ସବୁ ଦିଗରେ ମରା ହୋଇଥିଲା।ତାଙ୍କଠି ନା ଥିଲା ଲୋଭ, ନା ମୋହ, ନା ଆଶା, ନା ଆକାଂକ୍ଷା, ନା ଶତ୍ରୁ, ନା ଶତ୍ରୁତା! ଜୀବନ ତାଙ୍କପାଇଁ ସମାନ୍ତରାଳ ନିରାଡ଼ମ୍ବର ଧାରା ଭାବେ ପ୍ରଭାହିତ ହେଉଥିଲା।

ବାଲ୍ୟ ଜୀବନରେ ଗାଁ ଚାଟଶାଳୀରୁ ଶିକ୍ଷା ଆରମ୍ଭ କରି ଉଚ୍ଚ ଡିଗ୍ରୀ ହାସଲ କରିଥିବା ମଉସା ବୃତ୍ତିରେ ଜଣେ ଆଦର୍ଶ ଶିକ୍ଷକ ଥିଲେ। ଶିକ୍ଷକତା ସହିତ ଛାତ୍ର ଛାତ୍ରୀଙ୍କଠାରେ ଏତେ ନିବିଡ଼ତାର ବନ୍ଧନରେ ବାନ୍ଧି ଯାଇଥିଲେ ଯେ ଅବସର ପରେ ବି କେହି ଶିକ୍ଷାର୍ଥୀ ତାଙ୍କୁ ଦେଖିନେଲେ ଭକ୍ତି ଓ ଶ୍ରଦ୍ଧାରେ ଆପେ ଆପେ ମୁଣ୍ଡ ନୂଆଇଁ ଦେଉ ଥିଲେ।ବାସ୍ତବିକତାକୁ ବଖାଣିଲେ ମଉସାଙ୍କ ଭଳି ଅନାବିଳ ସ୍ନେହୀ, ହୃଦୟସ୍ପର୍ଶୀ ଶ୍ରଦ୍ଧାର ବ୍ୟକ୍ତି ମିଳିବା ଅସମ୍ଭବ।

ଅନେକଥର ମୁଁ ତାଙ୍କ ସହିତ ମିଶିଛି। ତାଙ୍କ ଘରକୁ ଯାଇ ଅନେକ ଆଲୋଚନାରେ ଭାଗ ନେଇଛି। ଅଯାଚିତ ଆପ୍ୟାୟିତରେ ବିମୁଗ୍ଧ ହୋଇଛି। ସୁଧାଂଶୁ ଖାଇଲଣି ନା? ସୁଧାଂଶୁ ଆଉ ନୂଆ ପୁସ୍ତକ କଣ ପ୍ରକାଶ କଲ? ସୁଧାଂଶୁ ପୁଣି କେବେ ଆସିବ? ଏମିତି ଅନେକ ଶ୍ରଦ୍ଧାଭାଜନ ପ୍ରଶ୍ନରେ ପ୍ରୀତ ହୋଇ ବିଭୋରିତ ହୋଇଛି। ତାଙ୍କର କୌଣସି ପୁସ୍ତକ ପ୍ରକାଶ ପାଇଲେ ସୌଜନ୍ୟତାରେ ମୋ ହାତକୁ ବଢ଼େଇ ଦେଇ କୁହନ୍ତି-'ନିଅ ସୁଧାଂଶୁ ପଢିବ। 'ମୋର ମଧ କେବେ ପୁସ୍ତକ ପ୍ରକାଶ ପାଇଲେ ତାଙ୍କୁ ଦେଇ କହେ-ମଉସା! ଏଇଟା ମୋର ଗୋଟେ ନୂଆ ପୁସ୍ତକ ପ୍ରକାଶ ପାଇଛି, ନିଅନ୍ତୁ ପଢିବେ। ଏମିତି ଆମ ଭିତରେ ପୁସ୍ତକ ଆଦାନ ପ୍ରଦାନ ଚାଲେ, ଆଲୋଚ୍ୟ ବିଷୟ ବସ୍ତୁରେ ଭୁଲ- ଠିକର ତର୍ଜମା ହୁଏ।

ବନ୍ଧୁତ୍ୱର ସୂତା ଖିଆରେ ବନ୍ଧା ଚଗୁଲୁ(ତାଙ୍କ ସାନ ପୁଅ,ମୋ ସଢୁ) ତାଙ୍କୁ ଥରେ କଲିକତାର ମୋ ବାସଭବନକୁ ଆଣିଥା'ନ୍ତି।ତାଙ୍କ ଆସିବାରେ ମୁଁ ଓ ମୋ ପରିବାର ପ୍ରସନ୍ନ ହେଲୁ।ଦ୍ୱିପହର ଭୋଜନ

ପରେ ମୁଁ କହିଲି-ମଉସା!ଆପଣ ମୋର ଗୋଟେ ନୂଆ ପୁସ୍ତକ ପାଇଁ ଅଭିମତ ଲେଖିବେ।ସହର୍ଷ ସେ ମୋର ଦ୍ୱିତୀୟ ଲୋକକଥା ସଂସ୍କରଣରେ ଏକ ଅବିସ୍ମରଣୀୟ ଅଭିମତ ଲେଖି ଯାଇଛନ୍ତି।

ମୃତ୍ୟୁର ବା କଣ ଅଛି?କେତେବେଳେ ଦିକି ଦିକି ହୋଇ ଜଳୁଥିବା ଦୀପକୁ ଲିଭାଇ ଦେଇପାରେ!ହଠାତ ଦିନେ ସେ ନଶ୍ୱର ଶରୀରକୁ

ଛାଡି ଦୂର ଦିଗନ୍ତକୁ ଚାଲିଗଲେ।ଯେଉଁଠାରୁ କେହି ଆଉ ଫେରି ଆସେନାହିଁ।ନଭରେ ନକ୍ଷତ୍ର ହୋଇଗଲେ।ପରିବାର,ପରିଜନ, ଆତ୍ମୀୟ, ବନ୍ଧୁ ସମସ୍ତେ ତଟସ୍ଥ। ସମସ୍ତଙ୍କ ଆଖିରେ ଲୁହର ପ୍ଲାବନ। ପ୍ରାରମ୍ଭରୁ ଜୀବନ, ଜୀବନରୁ ନିର୍ମୁକ୍ତ। ଗୋଟେ ସମୟର ଅବସାନ।ଜଣେ ଶିକ୍ଷାବିତ,ଆଦର୍ଶ ଶିକ୍ଷକ ଏବଂ ଲେଖକ ଭାବେ ତାଙ୍କ ଅମ୍ଲାନ ଅତିଭା ଯୁଗ ଯୁଗ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଥାଉ। ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ। ଏହାହିଁ ତାଙ୍କପାଇଁ ଶ୍ରଦ୍ଧାଞ୍ଜଳି।

+ ବିସି-୭୪,ସଲଟ
ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨

## ଅଳସ ଆଖିରେ ଭିଜା ସପନ

କବିତା କୋଣାର୍କ

**ନୂତନ କୁମାର ବେହେରା**



ବୟସ ଗଛର ଶାଖା ପ୍ରଶାଖା ଡାଳେ ପଲ୍ଲବେ ନିତି
ଆଶା ଭାଷାର କଅଁଳିଆ ଗହଳ ସବୁଜ ପତର
କ୍ଳାନ୍ତିର ଖରା ତେଜ ସହି ଛାଇ ଖୋଜେ ବିଶ୍ରାମର
ଘୁମେଇ ପଡ଼େ ଯେବେ ଥକ୍କା ମେଣ୍ଟାଇବାକୁ
ସାଉଁଟି ରଖେ କିଛିଟା ଜୀବନ ଅଭୁଲା ମୁହୂର୍ତ୍ତର
ଆବେଗରେ ଚଳ ଚଞ୍ଚଳ ଭାବ ପ୍ରବଣତାର ମନ
ହରଷେ ସରସେ ଦେଖେ ଅଳସ ଆଖିରେ ଭିଜା ସପନ
ଭାବ ଭାବନାର ଉନ୍ମାଦନା ଭାଙ୍ଗି ଦିଏ ଚିନ୍ତା ଚେତନା
ଶୋଇ ଶୋଇ ଘୁଙ୍ଗୁଡ଼ି ମାରେ ଉଠାପକା ଲହରରେ
ଅଜାଣତରେ କଡ଼ ଲେଉଟାଏ ଉଷୁମ ଶେଜେ
ସପନ ବିଭୋର ଆଖି ଦେଖୁଥାଏ ଅସରନ୍ତି ଦୃଶ୍ୟସବୁ
ଫେଣ୍ଟି ଫେଣ୍ଟି ଜଣା ଅଜଣା ଦେଖା ଅଦେଖାକୁ
କଳ୍ପନାର ଇନ୍ଦ୍ରଜାଲ ମେଲି ତା' ସାଥେ ସଂପର୍କ ବାନ୍ଧେ
ନବ ନବ ଅଭିନବ ପ୍ରକୃତିର ଶୋଭା ସୌନ୍ଦର୍ଯ୍ୟରେ
ହୁଏ ବିମୁଗ୍ଧ ଅବରୁଦ୍ଧ କରି ହୃଦୟର କବାଟ ଝରକା
ରଚେ ଜୀବନ ବୃତ୍ତର ପରିଧି ଅନ୍ତରର ଅନ୍ତର ଭିତରେ
ମନ ରାଇଜରେ ମନେ ମନେ ଭାଳେ ଯା' ଯା'
ଦେଖେ ଅଳସ ଆଖିରେ ଭିଜା ଭିଜା ସପନ ବହୁତ
ବାହ୍ୟ ଜଗତରୁ ମନ ଏକାତ୍ମ ହୋଇ ରହେ ନିବୃତ
ନିଜ ଇଚ୍ଛା ଶକ୍ତି କାମନା ଅଭିଳାଷର ପ୍ରବାହରେ
ସ୍ରୋତସ୍ୱିନୀ ପରି ବହି ଯାଉଥାଏ ଛନ୍ଦେ ଛନ୍ଦେ
ସେ ଭିଜା ସପନରେ ଭିଜି ଭିଜି ଯାଉଥାଏ ମଜି ହଜି
ରଜନୀର ଶେଷେ ଉଇଁ ରବି ଢ଼ାଳି ଦିଏ ତେଜ ଆନନ୍ଦେ
ଜୀବନକୁ ସଜାଡ଼ି ଚଲା ପଥେ ଚାଲେ ପଥ ଖୋଜି
ସପନରୁ ସୃଷ୍ଟି ହୁଏ ବାସ୍ତବତାର ଇପ୍ସିତ ସମ୍ଭାବନା
ରତ ଥାଏ ସତତ କରିବାକୁ ସତ ତା'ର ଯେତେ କଳ୍ପନା
ଶ୍ରମ ସାଧନାର ବ୍ରତରେ ସଫଳତା ପାଇ ହୁଏ ପୂର୍ଣ୍ଣ
ଅଳସ ଆଖିର ଭିଜା ସପନ ଜୀବନର ଏକ ଆହ୍ୱାନ।

+ ବାରିପଦା, ମୟୂରଭଞ୍ଜ
(ମୋ) ୮୦୧୮୩୫୩୩୨୨

## ଭାରତୀୟ ସମ୍ବିଧାନ

**ରାମ ଚନ୍ଦ୍ର ପ୍ରଧାନ**



ନୀତି ନିୟମର ମହାଗ୍ରନ୍ଥଟିଏ
ଭାରତୀୟ ସମ୍ବିଧାନ
ଅଧିକାର ଆଉ କର୍ତ୍ତବ୍ୟ ସାଧନେ
ମହାନ ତା' ଅବଦାନ ।

ଶୃଙ୍ଖଳା ଶାସନ ଧାରା ଅବଚ୍ଛେଦେ
ପ୍ରଣିତ ଏ ସମ୍ବିଧାନ
ହିନ୍ଦୁ ମୁସଲିମ୍ ଜୈନ ଖ୍ରୀଷ୍ଟିଆନ୍
ସଭିଏଁ ଏଠି ସମାନ ।

ଆମ ସମ୍ବିଧାନେ ଲିପିବଦ୍ଧ ଅଟେ
ଛ'ଟି ମୌଳିକ ଅଧିକାର
ବିଶ୍ୱରେ ରହିଛି ଯେତେ ସମ୍ବିଧାନ
ସବୁଠାରୁ ସିଏ ସାର ।

ଧାରା ତିନି ଶହ ପଞ୍ଚାନବେ ଗୁନ୍ଥା
ଆମ ଏ ନୀତି ପୁସ୍ତକ
ବାଇଶିଟି ସ୍ତମ୍ଭେ ଲେଖି ଭୀମରାଓ
ସାଜିଥିଲେ ତା' ଜନକ ।

ଧର୍ମ ନିରପେକ୍ଷ ଅବା ସାର୍ବଭୌମ୍ୟେ
ସଭିଙ୍କୁ କରେ ସେ ବଶ
ସଂଘୀୟ ଗଠନେ ଐକ୍ୟ ରକ୍ଷାକରି
ମନରେ ଭରେ ସାହସ ।

ଆମ ସମ୍ବିଧାନ ଅଟଇ ସୁଦୀର୍ଘ
ଗଣତନ୍ତ୍ରେ ସ୍ୱତନ୍ତ୍ରତା
ବୈଶିଷ୍ଟ୍ୟ ତାହାର ସର୍ବଦା ମହାନ
ନୀତି ଶିକ୍ଷା ପବିତ୍ରତା ।

ମାନବିକତାର ଶ୍ରେଷ୍ଠ ପରିଚୟ
ଅହିଂସା ଯାହାର ପ୍ରାଣ
ନୀତି ଆଦର୍ଶର ମୂଳମନ୍ତ୍ରେ ଭରା
ଆମର ଏ ସମ୍ବିଧାନ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ରୋଗକୁ ଦେବା ଦୂରେଇ

**ସୁନୀଲ କୁମାର ପ୍ରଧାନ**



କୋରାନା ଆସିଲା ରୋଗରେ
ଗ୍ରାସିଲା
କେତେ କଷ୍ଟ ସତେ ଦେଇ
ଏବେ ନୂଆଁ ରୋଗ ପୁଣି ଆସୁଅଛି
ବିଏଫ ସାତ ଯେ ହୋଇ ।

କମ୍ ସମୟରେ ସଂକ୍ରମଣ ହାର
ବହୁତ ବଢୁଛି ଭାଇ
ଚୀନ୍ ଦେଶରେ ଏହା ଚାଲିଅଛି
ସଜାଗ ହୋଇବା ରହି ।

କେତେ ନାନା ରୂପ ଧରି ଯେ କୋରାନା
ଆସୁଛି ଏହି ବରଷ
ଏହି ରୋଗ ଜମା ମୂଳରୁ ମରିନି
ପିନ୍ଧୁଥିବା ସଦା ମାସ୍କ ।

ଟୀକା ନେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରାଳୟ
ଦେଉଛି ପୁଣି ସୁଚେଇ
ବୁଷ୍ଟୋର ଟିକାଟି ନେବା ଯେ ମସ୍ତେ
ରୋଗ ଯେ ଯିବ ଦୂରେଇ ।

ଆମରି ଜାଗ୍ରତ ଆମରି ହାତରେ
ରହିବା ପୁଣି ସର୍ତକ
ନୂଆଁ ରୋଗଟିକୁ ଦମନ କରିବା
ନ ପାଇବା କେବେ ଦୁଃଖ ।

+ ଝାଟିପଦର, ପାଲୁର, ଗଞ୍ଜାମ
ମୋ : ୭୬୦୯୯୩୪୩୬୬

## ଓଡିଆ ଜାତିର ବ୍ୟାସ

**ବେଣୁଧର ସୂତାର**

ତୁମେ କ୍ରାନ୍ତିକାରୀ ପ୍ରବୀଣ ପ୍ରଭାରୀ
ଓଡ଼ିଆ ଜାତିର ବ୍ୟାସ
ଅବଲୁପ୍ତ ଏଇ ଜାତିର ଭାଷାକୁ
ଦେଇଗଲ ଜୀବନ୍ୟାସ ।

ଶାଣିତ ଲେଖନୀ ପଣ୍ଡ କରିଦେଲା
ବଙ୍ଗଳା ର ଷଡଯନ୍ତ୍ର
ସାରିଆ ଭଗିଆ ରେବତୀ କଣ୍ଠରେ
ଭରି ସଞ୍ଜୀବନୀ ମନ୍ତ୍ର ।

ଅମିତ ପ୍ରଜ୍ଞାର ତୁମେ ଯାଦୁକର
ଏ ଜାତିର ଭଷାକାର
କଙ୍କାଳ ବୁକୁରେ ଭରେ ଉନ୍ମାଦନା
ଯା ଲେଖନୀ ଅନ୍ତଃସ୍ୱର ।

ବାଣୀ ଭାରତୀଙ୍କ ନିରବ ସାଧକ
ଭାଷା ବିପ୍ଳବର ବହ୍ନି
ଅସମ୍ଭବେ ତୁମେ ସମ୍ଭବ ସାରଥି
ଜନ ମଙ୍ଗଳର ଧ୍ୱନି ।

ମାମୁଁ, ପ୍ରାୟଶ୍ଚିତ ଲଛମା ଯାହାର
ଗୁରୁ ଗମ୍ଭୀର ସ୍ୱର
ସୁନଗ୍ୱୋଉ, ଡାକମୁନସୀ ରେବତୀ
କାଳଜୟୀ ହସ୍ତାକ୍ଷର ।

ଶାଣିତ ମସୀର ପୁଣ୍ୟ ପରଶେ
ରଚିଲ କ୍ରାନ୍ତିର ଧାରା
ସାଜି ଭଗୀରଥ ପୁଣ୍ୟ ପ୍ରଜ୍ଞା ପଥ
ଦେଖାଇଛ ବିଶ୍ୱ ସାରା ।

ଏ ଜାତି ଜନତା କଣ୍ଠେ ଭରିବାକୁ
ଭଷାର ଅମୃତ ରସ
ସଂକ୍ରାନ୍ତି ପୁରୁଷ ହେ ଉତ୍କଳ ବ୍ୟାସ
ଫେରିଆସ ଫେରିଆସ ।

ଭାଷା ସଂସ୍କୃତିର ତୁମେ କ୍ରାନ୍ତି ସୁର
କୃତି ତୁମ କାଳଜୟୀ
ଏପୁଣ୍ୟ ବାସରେ ଆସ ଆଉଥରେ
ନବଜନ୍ମେ ଧରା ଭୂଇଁ ।

କେଶଦୁରାପାଳ
କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?



ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ । ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି । ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ ।

ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ସକାଳୁ ପେଟ ଖାଲି ରଖିଲେ ଉପୁଜିଥାଏ ନାନା ସମସ୍ୟାଃ ଏହି ସବୁ ଖାଦ୍ୟ ଶରୀର ପାଇଁ ଭଲ



ଆମେ ଅଧିକାଂଶ ସମୟରେ ବ୍ୟସ୍ତତା ହେତୁ ସକାଳ ଜଳଖିଆ ପ୍ରତି ଟିକେ ଯତ୍ନଶୂନ୍ୟ ହୋଇପଡୁ। ମାତ୍ର ମନେରଖନ୍ତୁ ଦିନ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସକାଳର ଖାଦ୍ୟ। ସକାଳୁ ପେଟ ପୂରା ଖାଇଲେ ହିଁ ଆପଣଙ୍କ ଶରୀର ସୁସ୍ଥ ରହିବ। ସକାଳୁ ଯଦି ଆପଣ କିଛି ଆଡୁସାଡୁ ଖାଦ୍ୟ ଖାଇ ଦଉଡ଼ଛନ୍ତି ତେବେ ଏହା ଆପଣଙ୍କ ହଜମ ପ୍ରକ୍ରିୟାକୁ ପ୍ରଭାବ ପକାଇବ ଓ ଯେଉଁ କାରଣରୁ ଆପଣଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ହେବ।

ସକାଳ ଖାଇବାକୁ ନେଇ ଯତ୍ନବାନ ରହିଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ, ଯାହାକି ବ୍ୟକ୍ତିକୁ ନିରୋଗ ରଖେ। ସକାଳୁ ଉଚିତ ଖାଦ୍ୟ ଖାଇଲେ ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣରେ ରହେ। ତେବେ ଚାଲନ୍ତୁ ଜାଣିବା ସକାଳୁ ସକାଳୁ କ'ଣ ସବୁ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ।

ସକାଳ ପାନୀୟ ଭାବରେ କେହି କେହି ଜୀରା ପାଣି, ପଇଡ଼ ପାଣି, ଚା ଆଦି ଗ୍ରହଣ କରିଥାନ୍ତି। ଆପଣ ସକାଳୁ ଅଳ୍ପ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତୁ। କେହି କେହି ଓଜନ ହ୍ରାସ ପାଇଁ ମଧ୍ୟ ମହୁ ଓ ଗରମ ପାଣି ପିଇଥାନ୍ତି। ପାଚିଲା ଅମୃତଭଣ୍ଡା ସହ ଯଦି ଆପଣ ନିଜର ଦିନ ଆରମ୍ଭ କରୁଛନ୍ତି ତା'ହେଲେ ଖୁବ୍ ଭଲ କଥା। ଶରୀରକୁ ଶକ୍ତି ଯୋଗାଇଥାଏ ଏହି ଫଳ। ଏଥିରେ ଥିବା ଫାଇବର ଶରୀର ପାଇଁ ଖୁବ୍ ଉପକାରୀ।

ସକାଳୁ ଖାଲି ପେଟରେ ଭିଜା ଯାଇଥିବା ଆଲମଣ୍ଡ୍ ଖାଇବା ବି ଖୁବ୍ ଭଲ ହୋଇଥାଏ ଶରୀର ପାଇଁ। ଗାଜର, କଲରା, ଲାଉ ଆଦି ପରିବା ରସ ସକାଳୁ ଖାଇପାରିବେ। ଆପଣ ଚାହିଁଲେ ଅଁଳା ଓ ଆଲୋବେରା ରସ ବି ପିଇପାରିବେ।

# ଯନ୍ତ୍ରଣାରୁ ମୁକ୍ତି ଦିଏ ସଙ୍ଗୀତ



ଏକ ନୂତନ ସର୍ବେକ୍ଷଣରୁ ଜଣାପଡ଼ିଛି, ସଂଗୀତ ଶୁଣିଲେ ସ୍ଥାୟୀ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ସର୍ବେକ୍ଷଣ ଅନୁଯାୟୀ ସଂଗୀତ ଶୁଣୁଥିବା ୧୦ଜଣଙ୍କ ମଧ୍ୟରୁ ଅତି କମରେ ୪ଜଣଙ୍କୁ ଦୀର୍ଘକାଳୀନ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। 'ଡେଲିମେଲ' ରିପୋର୍ଟ ଅନୁଯାୟୀ ଲାର୍ୟଡ଼ ଫାର୍ମାସୀ ଦ୍ୱାରା ଏହି ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ୧୬ରୁ ୪୪ ଆୟୁ ବର୍ଗର ୬୬ ପ୍ରତିଶତ ଲୋକ ସଂଗୀତରୁ ଆରାମ ମିଳୁଥିବା କଥା ସ୍ୱୀକାର କରିଛନ୍ତି। ଏହି ସର୍ବେକ୍ଷଣରେ ୧୫୦୦ ଲୋକଙ୍କୁ ସାମିଲ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣରେ ସାମିଲ ଲୋକମାନଙ୍କ ମଧ୍ୟରେ ପପ ସଂଗୀତକୁ ସବୁଠାରୁ ଲୋକପ୍ରିୟ ଥିଲା। ପ୍ରାୟ ୨୧ ପ୍ରତିଶତ ଲୋକ ପପ ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିବା ସ୍ୱୀକାର କରିଥିଲେ। ସେହିଭଳି ଶାସ୍ତ୍ରୀୟ ସଂଗୀତ ଶୁଣି ୧୭ ପ୍ରତିଶ ଲୋକଙ୍କର ଯନ୍ତ୍ରଣା ଲାଘବ ହୋଇଥିଲା। ସେହିଭଳି ୧୬ ପ୍ରତିଶତ ଲୋକ ରକ ବା ଇଣ୍ଡି ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ଉଟାହ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ଼ ବ୍ରେଡଶା କହିଛନ୍ତି ଯନ୍ତ୍ରଣା ପାଉଥିବା ବ୍ୟକ୍ତି ନିଜକୁ କୌଣସି ନା କୌଣସି କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ରଖିବା ଉଚିତ୍।

# ଭୁଲରେ ବି ଏହି ଦେବତାଙ୍କୁ ଅର୍ପଣ କରନ୍ତୁ ନାହିଁ ତୁଳସୀ : ନଚେତ୍ ଭୋଗିବାକୁ ପଡିବ ଅନେକ ସମସ୍ୟା



ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ଗୁରୁତ୍ୱ ବିଷୟରେ କୁହାଯାଇଛି। କୁହାଯାଏ ଯେ ତୁଳସୀ ଗଛରେ ମା ଲକ୍ଷ୍ମୀ ବାସକରିଥାନ୍ତି । ଫଳରେ ଏହାକୁ ଘର ଆଗରେ ଲଗାଇବା ଏବଂ ପୂଜା କରିବା ଦ୍ୱାରା ଘରେ ଧନପ୍ରାପ୍ତି ହୋଇଥାଏ । ଏଥିସହିତ ସର୍ବଦା ଘରେ ସୁଖ ଶାନ୍ତି ଲାଗି ରହିଥାଏ । ଏତତ ବ୍ୟତୀତ ତୁଳସୀ ଭଗବାନ ବିଷ୍ଣୁଙ୍କ ଠାରୁ ହନୁମାନଙ୍କ ପର୍ଯ୍ୟନ୍ତ ସମସ୍ତ ଦେବାଦେବୀଙ୍କ ପ୍ରିୟ ହୋଇଥାଏ । ଫଳରେ ପୂଜା ସମୟରେ ଏହି ଭଗବାନଙ୍କୁ ତୁଳସୀ ଅର୍ପଣ କଲେ ସେମାନେ ପ୍ରଶନ୍ନ ହୋଇଥାନ୍ତି ଏବଂ ଆପଣଙ୍କ ଉପରେ ତାଙ୍କର କୃପା ଦୃଷ୍ଟି ରଖିଥାନ୍ତି । କିନ୍ତୁ ହିନ୍ଦୁ ଧର୍ମରେ ଏପରି କିଛି ଦେବାଦେବୀ ଅଛନ୍ତି ଯେଉଁମାନଙ୍କୁ ତୁଳସୀ ଅର୍ପଣ କରିବାକୁ ବାରଣ କରାଯାଏ । କୁହାଯାଏ ଏହିସବୁ ଭଗବାନଙ୍କୁ ତୁଳସୀ ଅର୍ପଣ କଲେ ସେ କ୍ରୋଧୀତ ହୋଇଥାନ୍ତି ଏବଂ ଆପଣଙ୍କ ଉପରେ କୋପ ଦୃଷ୍ଟି ପକାଇଥାନ୍ତି । ଫଳରେ ଆପଣଙ୍କ ଜୀବନରେ ଅନେକ ସମସ୍ୟାର ଦେଖାଦେବା ସହ ଘରେ ସର୍ବଦା ଅଶାନ୍ତି ଲାଗି ରୁହେ । ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ ଏବଂ କାହିଁକି ?

ଏହି ଦେବତାଙ୍କୁ ଭୁଲରେ ଅର୍ପଣ କରନ୍ତୁ ନାହିଁ ତୁଳସୀ : ହିନ୍ଦୁ ଧର୍ମ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପ୍ରତ୍ୟେକ ଦେବତାଙ୍କର କିଛି ପ୍ରିୟ ଜିନିଷ ରହିଥାଏ । ଯାହାକୁ ଅର୍ପଣ କରିବା ଦ୍ୱାରା ସେ ଅତ୍ୟନ୍ତ ପ୍ରଶନ୍ନ ହୋଇଥାନ୍ତି । ଫଳରେ ସେ ତାଙ୍କର କୃପା ଦୃଷ୍ଟି ସର୍ବଦା ଆପଣଙ୍କ ଉପରେ ରଖିଥାନ୍ତି । ତେବେ ତୁଳସୀ ମଧ୍ୟ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବା ବେଳେ ପ୍ରଭୁ ଭୋଳାନାଥ ଏବଂ ତାଙ୍କ ପୁତ୍ର ପ୍ରଭୁ ଗଣେଶଙ୍କୁ ଅର୍ପଣ କରାଯାଏ ନାହିଁ । ନଚେତ୍ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ତେବେ ଭଗବାନ ଶିବ ଏବଂ ଗଣେଶଙ୍କୁ ତୁଳସୀ ନଦେବାର କିଛି କାରଣ ମଧ୍ୟ ରହିଥାଏ । ଆସନ୍ତୁ ଜାଣିବା କଣ ପାଇଁ ଏହି ଦୁଇ ଦେବତାଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ ।

ଏହି କାରଣ ପାଇଁ କରାଯାଏ ନାହିଁ ତୁଳସୀ ଅର୍ପଣ : ଜ୍ୟୋତିଷ ଶାସ୍ତ୍ର ଏବଂ ପୌରାଣିକ ଗାଥା ଅନୁଯାୟୀ, ଥରେ ଭଗବାନ ଗଣେଶ ଗଙ୍ଗା ନଦୀ କୂଳରେ ତପସ୍ୟା କରୁଥିଲେ। ଠିକ୍ ଏହି ସମୟରେ ତୁଳସୀ ବିବାହ ଇଚ୍ଛା ନେଇ ଯାତ୍ରା କରିଥିଲେ । ଗଣେଶଙ୍କୁ ଦେଖି ସେ ଆକର୍ଷିତ ହୋଇଥିଲେ ଏବଂ ତାଙ୍କର ତପସ୍ୟାକୁ ଭଙ୍ଗ କରିଥିଲେ । ଏଥିସହିତ ତାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଯାହାକୁ ଭଗବାନ ଶ୍ରୀଗଣେଶ ପ୍ରତ୍ୟାଖ୍ୟାନ କରିଥିଲେ । ଯେଉଁଥିରେ ତୁଳସୀ ରାଗିଯାଇ ଶ୍ରୀଗଣେଶଙ୍କୁ ଦୁଇଟି ବିବାହ କରିବାକୁ ଅଭିଶାପ ଦେଇଥିଲେ। ଏହାପରେ ଶ୍ରୀ ଗଣେଶ ତାଙ୍କ ପ୍ରକୃତ ରୂପକୁ ଆସିବା ସହ ତୁଳସୀଙ୍କୁ ମଧ୍ୟ ଅଭିଶାପ ଦେଇଥିଲେ ଏବଂ କହିଥିଲେ ତୁମର ବିବାହ ଜଣେ ରାକ୍ଷସ ସହିତ ହେବ । ଏଥିସହିତ ସେ ଏହା ମଧ୍ୟ କହିଥିଲେ ଯେ ତୁମେ ମୋ ପୂଜାରେ ଲାଗି ପାଇବ ନାହିଁ। ମୋ ପୂଜାରେ ଯେଉଁ ବ୍ୟକ୍ତି ତୁଳସୀ ଅର୍ପଣ କରିବ ଏହା ଅଶୁଭ ଭାବରେ ବିବେଚନା କରାଯିବ । ଏହି କାରଣରୁ ଗଣେଶ ଭଗବାନଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ । ସେହିପରି ଭଗବାନ ଶିବଙ୍କୁ ମଧ୍ୟ ତୁଳସୀ ଅର୍ପଣ କରିବା ଅଶୁଭ ହୋଇଥାଏ । କାରଣ ଭଗବାନ ଶ ଶିବଙ୍କ ପ୍ରିୟ ପତ୍ର ବେଲପତ୍ର ହୋଇଥାଏ । ଯାହା ଫଳରେ ପ୍ରଭୁ ଭୋଲାନାଥଙ୍କୁ ତୁଳସୀ ଅର୍ପଣ କରିବା ବଦଳରେ ବେଲପତ୍ର ଅର୍ପଣ କରିବା ଆବଶ୍ୟକ । ତେବେ ତୁଳସୀ ଭଗବାନ ବିଷ୍ଣଙ୍କ ପ୍ରିୟ ହୋଇଥାଏ ଏବଂ ଏହା ଭଗବାନ ବିଷ୍ଣୁଙ୍କୁ ହିଁ ଅର୍ପଣ କରାଯାଏ । ଯଦି କୌଣସି ବ୍ୟକ୍ତି ପ୍ରଭୁ ଭୋଳାଶଙ୍କରଙ୍କୁ ତୁଳସୀ ଅର୍ପଣ କରନ୍ତି ତେବେ ସେ କ୍ରୋଧିତ ହୋଇଯାଆନ୍ତି ଏବଂ ତାଙ୍କ କୋପଦୃଷ୍ଟି ପକାଇଥାନ୍ତି । ଫଳରେ ଜଣେ ବ୍ୟକ୍ତି ତା ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏଥିସହିତ ଘରେ ସର୍ବଦା ଅଶାନ୍ତି ଏବଂ କଳହ ଲାଗି ରୁହେ ।

# ଭାରତ ମାନଚିତ୍ରରେ କାହିଁକି ଦେଖାଯାଏ ଶ୍ରୀଲଙ୍କା, ପାକିସ୍ତାନ କି ଚୀନ କାହିଁକି ନୁହେଁ ?

ଦୁନିଆରେ ଯେତେ ଦେଶ ଅଛି ସେମାନଙ୍କ ମ୍ୟାପରେ କେବଳ ନିଜ ଦେଶର ଚିତ୍ର ଦେଖାଯାଏ । ହେଲେ ଭାରତ ମାନଚିତ୍ରରେ ଏପରି ଦେଖିବାକୁ ମିଳେନାହିଁ । ଭାରତ ମାନଚିତ୍ରରେ ସର୍ବଦା ଶ୍ରୀଲଙ୍କା ମାନଚିତ୍ର ଦେଖାଯାଇଥାଏ । ଏହାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି ଯେ, ଭାରତ ପାଖକୁ ଲଗାଇ ପାକିସ୍ତାନ ଏବଂ ଚୀନ ମଧ୍ୟ ଅଛି ହେଲେ ସେମାନଙ୍କୁ ନଦେଖାଇ କେବଳ ଶ୍ରୀଲଙ୍କାକୁ କଣ ପାଇଁ ଦେଖାଯାଏ ଭାରତ ମାନଚିତ୍ରରେ ୟୁନାଇଟେଡ଼ ନେସନର ଏକ ଆଇନ ରହିଛି । ଯାହାକୁ ଲ ଅଫ ସି କୁହାଯାଏ । ଏହି ଆଇନ ଅନୁସାରେ, ଯଦି କେଉଁ ଦେଶର ସୀମା ସମୁଦ୍ର ସହ ଲାଗୁଛି ତେବେ ସୀମାରୁ ୩୭୦ କିମି ପର୍ଯ୍ୟନ୍ତ ସେହି ଅଞ୍ଚଳ ଉକ୍ତ ଦେଶର ସାମୁଦ୍ରିକ ଅଂଚଳ ବୋଲି ଧରାଯାଏ ।

ବର୍ତ୍ତମାନ ଶ୍ରୀଲଙ୍କା ଏବଂ ଭାରତ ମଧ୍ୟରେ ଦୂରତ୍ୱ ମାତ୍ର ୧୮ ନାର୍ଟିକିଲ ମାଇଲ ରହିଛି । ଏହି କାରଣ ପାଇଁ ଭାରତ ଶ୍ରୀଲଙ୍କା ମ୍ୟାପରେ ଦେଖାଯାଏ । ୧୯୫୬ ମସିହାରେ ୟୁନାଇଟେଡ୍ ନେସନ ତରଫରୁ UNCLOS-ଓ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଅନେକ ଦେଶ ମଧ୍ୟ ସାମିଲ ହୋଇଥିଲେ । ଏହା ୧୯୫୮ ମସିହାରେ କାର୍ଯ୍ୟକାରୀ ହୋଇଥିଲା । ଦେଶର ସାମୁଦ୍ରିକ ସୀମାକୁ ନେଇ ଅନେକ ଆଇନ ବନାଯାଇଥିଲା । ଏହାପରେ ୧୯୭୩ ମସିହାରୁ ଆରମ୍ଭ କରି ୧୯୮୨ ପର୍ଯ୍ୟନ୍ତ ଏକ ତୃତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା ଏବଂ ଏଥିରେ ସମୁଦ୍ର ସହ ଜଡ଼ିତ ଅନ୍ତରାଷ୍ଟ୍ରୀୟ ଆଇନକୁ ମାନ୍ୟତା ଦିଆଯାଇଥିଲା ।

ଏହି ନିୟମ ଅନୁସାରେ, ଯେଉଁ ମାନଚିତ୍ରରେ ସେହି ଦେଶର ମୂଳ ଲାଇନଠାରୁ ୨୦୦ ମାଇଲ୍ ପର୍ଯ୍ୟନ୍ତ ଦେଶର ସୀମା ଦେଖାଇବା ବାଧ୍ୟତାମୂଳକ ଅଟେ । ଏକ ମାଇଲରେ ୧.୮୨୪ କିଲୋମିଟର ଅଛି । ଏହି କ୍ଷେତ୍ରରେ, ୨୦୦ ନ ନାର୍ଟିକଲ ମାଇଲ୍ ହେଉଛି ୩୭୦ କିଲୋମିଟର । ଏହାର କାରଣ ହେଉଛି, ଭାରତ ସୀମାଠାରୁ ଶ୍ରୀଲଙ୍କା ୩୭୦ କିଲୋମିଟର ଦୂରରେ ଥିବା ଅଞ୍ଚଳ ମାନଚିତ୍ରରେ ଦର୍ଶାଯାଇଛି । ସେଥିପାଇଁ ଏକ ଅଲଗା ଦେଶ ହେବା ସତ୍ତ୍ୱେ ଶ୍ରୀଲଙ୍କା ସର୍ବଦା ଭାରତର ମାନଚିତ୍ରରେ ଦୃଶ୍ୟମାନ ହୁଏ । ତେବେ ମାନଚିତ୍ରରେ ପାକିସ୍ତାନ, ଚୀନ୍, ନେପାଳ, ଭୁଟାନ, ବାଂଲାଦେଶ ଏବଂ ମିଆଁମାର ପ୍ରଦର୍ଶିତ ହୋଇଛି କାରଣ ସେଗୁଡିକ ଅନ୍ତର୍ଭୁକ୍ତ ନକରି ସମଗ୍ର ଭାରତର ମାନଚିତ୍ର ଦେଖାଇବା ସମ୍ଭବ ନୁହେଁ।




# ଏଠାରେ ବିଲେଇ ପାଳିବା ମନା !



ପାଶ୍ଚାତ୍ୟ ରାଷ୍ଟ୍ରରେ ଅଧିକାଂଶ ଲୋକ କୁକୁର ବିଲେଇ ପାଳିବାରେ ରୁଚି ରଖନ୍ତି । କେତେକ ସ୍ଥାନରେ ଧନିକ ଲୋକେ ନିଜ ମୃତ୍ୟୁ ପରେ ସମସ୍ତ ସମ୍ପତ୍ତି ପୋଷା ବିଲେଇ ଓ କୁକୁରଙ୍କ ନାମରେ କରିଥିବାର ନଜିର ମଧ୍ୟ ରହିଛି । ନିକଟରେ ନ୍ୟୁଜିଲାଣ୍ଡ ପରି ଏକ ଉନ୍ନତ ରାଷ୍ଟ୍ରର ଓମାଉଇ ଗ୍ରମରେ ଭିନ୍ନ ନିୟମ ପ୍ରଣୟନ କରାଯାଇଛି । ସେଠା ନିୟମ ଅନୁସାରେ ପ୍ରତ୍ୟେକ ପରିବାର ଏହାକୁ ମାନିବା ବାଧ୍ୟତାମୂଳକ ହୋଇଛି । ପାଳିତ ବିଲେଇର ମୃତ୍ୟୁ ପରେ ସେମାନେ ଅନ୍ୟ ବିଲେଇ ଆଣି ପାଳିପାରିବେ ନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କହିବାନୁସାରେ, ୨୦୫୦ ସୁଦ୍ଧା ନ୍ୟୁଜିଲାଣ୍ଡର ପ୍ରତ୍ୟେକ ପ୍ରାନ୍ତ ହିଂସ୍ର ଜନ୍ତୁଙ୍କ ଦାଉରୁ ମୁକ୍ତ ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ତାଲିକାରେ ଜଙ୍ଗଲୀ ମୂଷା, ସାପ ଦେଖାଯାଉଥିବା ବେଳେ ବିଲେଇ-ମୂଷାଙ୍କ ନିୟନ୍ତ୍ରଣ ନିମନ୍ତେ ପଦକ୍ଷେପ ଆରମ୍ଭ ହୋଇଛି। ଘୋଷଣା ହେବା ପରେ ବିଭିନ୍ନ ବର୍ଗର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । କାରଣ ଓମାଉଇ ଗ୍ରାମରେ ପ୍ରାୟ ପ୍ରତ୍ୟେକ ପରିବାର ପୋଷା ବିଲେଇ ରଖିଛନ୍ତି । କେତେଜଣ ବ୍ୟକ୍ତି ଏହି ଘଟଣାର ଫଇସଲା କୋର୍ଟରେ କରାଯାଉ ବୋଲି ମତ ରଖିଥିବାର ପ୍ରକାଶ ।

# ଲୀଳାବତୀ ଓ ବୀଜଗଣିତ ସର୍ବକାଳୀନ ଶ୍ରେଷ୍ଠ ଗଣିତ ଗ୍ରନ୍ଥ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପୁରୀର ଦ ଟେଡି ପବ୍ଲିକ ସ୍କୁଲ ଠାରେ ଦ ଓଡିଶା ବିଜ୍ଞାନ ମଣ୍ଡଳ(ବିଜ୍ଞାନ ଭାରତୀ, ଓଡିଶା)ର ସାଧାରଣ ସଭା ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ବିଚାର ମନ୍ଥନ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନାଇଜର, ଭୁବନେଶ୍ୱରର କୁଳ ସଚିବ ଡ. ଅଭୟ କୁମାର ନାୟକ ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ବୈଜ୍ଞାନିକ ମାନଙ୍କ ଅବଦାନ ବିଷୟରେ ସମ୍ୟକ ଆଲୋଚନା କରିଥିଲେ । ସେ ଓଡିଆ ସଂସ୍କୃତି, ଏହାର ଧାର୍ମିକ ପରମ୍ପରା ଓ ମହାପ୍ରଭୁ ଜଗନ୍ନାଥଙ୍କ ଓଡିଶା ଜନଜୀବନରେ ପ୍ରଭାବ ସଂପର୍କରେ କହିଥିଲେ । ଜଗନ୍ନାଥ ସଂସ୍କୃତି ହିଁ ଓଡିଆ ସଂସ୍କୃତି । ଅନ୍ୟତମ ଅତିଥି ବିଶିଷ୍ଟ ଲେଖକ ଓ ଅନୁବାଦକ ଗଦାଧର ନନ୍ଦ ଭାରତୀୟ ବୈଜ୍ଞାନିକ ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ ଓ ବୀଜଗଣିତର ସାଂପ୍ରତିକ ପ୍ରାସଂଗିକତା ଉପରେ ଆଲୋକପାତ କରିଥିଲେ । ଲୀଳାବତୀ ଓ ବୀଜଗଣିତ ସର୍ବକାଳୀନ ଶ୍ରେଷ୍ଠ ଗଣିତ ଗ୍ରନ୍ଥ ବିଶିଷ୍ଟ ବିଦ୍ୱାନ ସତ୍ୟବାଦୀ ଦାଶ ଜଗନ୍ନାଥ ସଂସ୍କୃତିର ମହନୀୟତା ବଖାଣି ଥିଲେ । ଏହି ଅବସରରେ ସଂଗଠନର ବାଇ ଲ ସଂଶୋଧନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇ ଥିଲା ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା । ରାଜ୍ୟ ସଭାପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ, ରୟାଲ କେମିକାଲ ସୋସାଇଟିର ଫେଲୋ ଡ. ବିକାଶ କୁମାର ଜେନାଙ୍କୁ ମଣ୍ଡଳର ରାଜ୍ୟ ସଂପାଦକ ଓ ସୌଭାଗ୍ୟ ସ୍ୱାଇଁ ଓ ଦିବ୍ୟ କିଶୋର ପଣ୍ଡାଙ୍କୁ ରାଜ୍ୟ ଯୁଗ୍ମ ସଂପାଦକ ଭାବେ ମନୋନୀତ କରିବା ସହିତ ବିଭିନ୍ନ ଜିଲ୍ଲା ସମିତି ଘୋଷଣା କରିଥିଲେ । କଟକଜିଲ୍ଲା ର ସଭାପତି ହେଲେ ଡ. ବାଇଧର ସାହୁ । ଖୋର୍ଦ୍ଧା ଜିଲ୍ଲାର ଡ. ଅଭୟ କୁମାର ନାୟକ, ଗଞ୍ଜାମ ଜିଲ୍ଲାର ଡ. କୈଳାଶ ଚନ୍ଦ୍ର ସାହୁ, ଢେଙ୍କାନାଳ ଜିଲ୍ଲାର ଡ. ସ୍ୱାତୀ ସୁଚରିତା ପ୍ରଧାନ, ଅନୁଗୁଳ ଜିଲ୍ଲାର ପବିତ୍ର ମୋହନ ପ୍ରଧାନ ଜିଲ୍ଲା ସଭାପତି ମନୋନୀତ ହେଲେ ଓ ସେହିପରି ମନୋରଞ୍ଜନ ମହାନ୍ତି, ଡ. ସୁରେଶ ରଞ୍ଜନ ଦାଶ, ଶୁଭମ ବେହେରା,ନଳିନୀ କାନ୍ତ ପଣ୍ଡା ଯଥାକ୍ରମେ କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ ଜିଲ୍ଲା ସଂପାଦକ ମନୋନୀତ ହେଲେ ।

# ପ୍ରତାପ କୁମାର ସାହୁ କଲାବିଲା ସାଂସ୍କୃତିକ ସମିତି ଦ୍ୱାରା ସମ୍ବର୍ଦ୍ଧିତ

କଟକ/ଭୁବନେଶ୍ୱର, ୧୭/୦୧ (ନି.ପ୍ର): କଲାବିଲା ସାଂସ୍କୃତିକ ସମିତି, କଟକ, ସୀମାନ୍ତବର୍ତ୍ତୀ ଅଂଚଳର କଲାବିଲା ନଦୀକୂଳରେ ଅବସ୍ଥିତ ବହୁ ପ୍ରାଚୀନ କ୍ଷେତ୍ରପାଳ ପୀଠରେ ଏ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହାପରେ ଚଷା ସମାଜକୁ ସାମୁହିକ ଭୋଜନରେ ଆପାୟିତ କରାଯାଇଥିଲା । ପୀଠରେ ଡ. ଗୌରୀଶଙ୍କର ସାହୁ ଇନକମ ଟାକ୍ସ ବାର ଆସୋସିଏସନର ପ୍ରାକ୍ତନ ସଂପାଦକ ପ୍ରତାପ କୁମାର ସାହୁଙ୍କୁ ଗ୍ରାମାଂଚଳରେ ସାଂସ୍କୃତିକ ପରିବେଶକୁ ଋଦ୍ଧିମନ୍ତ କରିବାପାଇଁ ଜୀବନବ୍ୟାପୀ ଉଦ୍ୟମ ପାଇଁ ସମ୍ବର୍ଦ୍ଧିତ କରିଥିଲେ । ପ୍ରତାପ କହିଥିଲେ ଯେ ସମିତିର ଏହି ସମ୍ମାନ ସମାରୋହ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ । ପୀଠର ପୂଜକ ନୀର ଦେହୁରି, ପଣ୍ଡିତ ଦ୍ୱିତୀକୃଷ୍ଣ ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ସମାଜସେବୀ କେଶନ ବେହେରା, ତ୍ରିନାଥ ସାହୁ, ଅଶୋକ ସାହୁ, କୁଳମଣି ସାହୁ, ହରିଶ୍ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ମାନୀତ କରାଯାଇଥିଲା । ସମିତିର ସଂଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ କହିଥିଲେ ଯେ ନଦୀ ସଭ୍ୟତାର ଷଠୀଘର । ଗ୍ରାମଗୁଡିକ ସଂସ୍କୃତିର ସମାହାର । ଆମକୁ ଗ୍ରାମର ସାମାଜିକ, ସାଂସ୍କୃତିକ ଧାରାକୁ ଅବିରଳ ଓ ନିର୍ମଳ ରଖିବା ପାଇଁ ନିରଳସ ସାଧକ ମାନଙ୍କୁ ଉତ୍ସାହିତ କରିବାକୁ ପଡିବ । କଲାବିଲା ନଦୀ ବହୁ ଗ୍ରାମର ଜୀବନ ରେଖା ।ଅଧିବକ୍ତା ପ୍ରତାପ କୁମାରଙ୍କ କାର୍ଯ୍ୟ କିପରି ଗ୍ରାମାଂଚଳର ସ୍ୱରୂପ ପରିବର୍ତ୍ତନ କରିଛି ସେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଚଷା ସମାଜ ସମସ୍ତ ସମ୍ମାନିତ ପ୍ରତିଭାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲା ।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ନମିଳିଲେ ମୁଖ୍ୟମନ୍ତ୍ରୀଙ୍କ ନିବାସ ଘେରାଉ କରିବ ବିଜେପି

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଜନାକୁ ଆମ ରାଜ୍ୟ ଓଡ଼ିଶାରେ ସଫଳ କରିବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ।ରାଜ୍ୟ ସରକାର ବାସଗୃହ ଆବଂଟନରେ ଚଂଚକତାପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛନ୍ତି । ବିଜେପିର ବାରମ୍ବାର ଅଭିଯୋଗ ଓ ଚେତାବନୀ ସତ୍ତ୍ୱେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଦଳୀୟ ଆଧାରରେ ଘର ବାଂଟୁଛନ୍ତି । ଏହା ଦ୍ୱାରା ଆଜି ବି ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇ ରହିଯାଇଛନ୍ତି । ଓଡ଼ିଶାରେ ୨୦୧୮-୧୯ରେ ଯେଉଁ ତାଲିକା ପ୍ରସ୍ତୁତ ହୋଇଥିଲା ସେଥିରେ ଚଂଚକତା କରାଯାଇ କେବଳ ଶାସକ ବିଜେଡି ସହ ସଂପୃକ୍ତ ଥିବା ଲୋକମାନଙ୍କୁ ପକ୍କା ଘର ବଂଟନ କରାଯାଇଥିଲା । ୨୦୧୯ ମେ’ମାସରେ ହୋଇଥିବା ଫନି ବାତ୍ୟା କାରଣରୁ ଯେଉଁ ଲୋକଙ୍କ ଘର ଭାଙ୍ଗିଥିଲା ତାହାର ତାଲିକା ମଧ୍ୟ ଯୋଡା ଯାଇଥିଲା । ୨୦୨୦ରେ ଯୋଗ୍ୟ ଅଯୋଗ୍ୟ ପାଇଁ ସବୁ ବ୍ଲକରେ ବାକ୍ସ ବସାଯାଇଥିଲେ ବି ଏଯାଏଁ ଅଧିକାଂଶ ସ୍ଥାନରେ ମଧ୍ୟ ବସାଯାଇନାହିଁ । ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଘର ନମିଳିବ ତେବେ ବିଜେପି ଆନ୍ଦୋଳନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିବାସ ଘେରାଉ କରିବ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚଂଚକାତାକୁ ନେଇ ସୋମବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ସାମ୍ଭାବ୍ୟ ତାଲିକାରୁ ବାଦ୍ ଦିଆଯାଇଛି । ସେମାନଙ୍କ ଦୋଷ କଣ ବୋଲି ପ୍ରଶ୍ନ କରିବା ସହିତ ତୁରନ୍ତ ସେମାନଙ୍କ ନାମକୁ ତାଲିକାରେ ସାମିଲ କରାଇବାର ରାଜ୍ୟ ସରକାର ବ୍ୟବସ୍ଥା କରିବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ୨୦୧୮-୧୯ ପ୍ରୋଭିଜନାଲ ୱେଟିଂ ଲିଷ୍ଟ୍ (ପିଡବ୍ଲୁ୍ୟଏଲ୍) ଯୋଗ୍ୟ ତାଲିକାକୁ ଆଧାର କରି ବର୍ତ୍ତମାନର ନୂତନ ତାଲିକା ପ୍ରସ୍ତୁତିର ଦାୟୀତ୍ୱ ରାଜ୍ୟ ସରକାର ନିଅନ୍ତୁ । ଦଳୀୟ ଆଧାରରେ ହିତାଧିକାରୀ ଚୟନ କରାନଯାଇ ଯୋଗ୍ୟ ଏବଂ ପ୍ରକୃତ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯାଉ । ସେହିପରି ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ କରୁଥିବା କିମ୍ବା ଅଭିଯୋଗ କରୁଥିବା ବ୍ୟକ୍ତିମାନଙ୍କ ନାମକୁ ଗୋପନ ରଖିବା ସୁନିଶ୍ଚିତ କରନ୍ତୁ ରାଜ୍ୟ ସରକାର । ପଂଚାୟତ ଅଫିସ ବଦଳରେ ବ୍ଲକରେ ଅଭିଯୋଗ ବାକ୍ସ ଖୋଲିବାର ଦାୟୀତ୍ୱ ଦକ୍ଷ ଏବଂ ନିରପେକ୍ଷ ଅଧିକାରୀଙ୍କୁ ଦିଆଯାଉ । ଆଜବେଷ୍ଟସ୍ ଘରେ ରହୁଥିବା ଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ପକ୍କା ବାସଗୃହ ଯୋଗାଇ ଦିଆଯାଉ ବୋଲି ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେନ୍ଦ୍ର ସରକାରଙ୍କ ଏକ ଫ୍ଲାଗସିପ୍ ପ୍ରୋଗ୍ରାମ ଅଟେ । କୌଣସି ମତେ ଏହାର ନାମକରଣ ଏବଂ ଲୋଗୋକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ କେନ୍ଦ୍ରୀୟ ଗାଇଡଲାଇନରେ ଉଲ୍ଲେଖ ଅଛି । ଯଦି ନାମ କିମ୍ବା ଲୋଗୋ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର କୌଣସି ଚକ୍ରାନ୍ତ କରୁଥିବେ, ତାହେଲେ ତାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ ଏବଂ ଏହା ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ମଧ୍ୟ କରାଯିବ । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ରାଜ୍ୟ ସରକାର ସମସ୍ତଙ୍କୁ ବାସଗୃହ ଯୋଗାଇ ଦେବାର ଦାୟୀତ୍ୱ ନିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଏବଂ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମଣ୍ଡି ବ୍ୟବସ୍ଥାର ଦୁର୍ନୀତିକୁ ନେଇ ଭିଜିଲାନ୍ସ ଡିଜିଙ୍କୁ ଫେରାଦ ହେଲା ବିଜେପି କୃଷକମୋର୍ଚ୍ଚା

କଟକ/ଭୁବନେଶ୍ୱର, ୧୭/୦୧ (ନି.ପ୍ର): ସଂପ୍ରତି ରାଜ୍ୟରେ ଚାଲିଥିବା ଧାନମଣ୍ଡି ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ଏବଂ ମିଲର୍ସ, ମଣ୍ଡି ଅଧିକାରୀ, ଆରଏମସି ଅଧିକାରୀ ଏବଂ ଯୋଗାଣ ବିଭାଗର ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା କାରଣରୁ ଚାଷୀ କ୍ଷତି ସହୁଛି । ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ସତ୍ତ୍ୱେ କର୍ତ୍ତୃପକ୍ଷ ନୀରବ । ମିଲରମାନଙ୍କ ସ୍ୱେଚ୍ଛାଚାରିତା ଏବଂ ମନମାନୀ କାରଣରୁ ଜିଲ୍ଲା ପ୍ରଶାସନ ବି ନିଃସହାୟ । ଫଳରେ ମିଲର ଚାହିଁଲେ ମଣ୍ଡି ଚାଲିବ ନଚେତ୍ ବନ୍ଦ ହେବ । ଏଭଳି ପରିସ୍ଥିତିରେ ବିଚରା ଚାଷୀ ତାର ଧାନକୁ ବିକ୍ରି କରି ପାରୁନାହିଁ କିମ୍ବା କେନ୍ଦ୍ର ସରକାର ଦେଉଥିବା ଏମଏସପି ଟ.୨୦୪୦ଙ୍କା ମଧ୍ୟ ଠିକ୍ ଭାବେ ପାଇପାରୁ ନାହିଁ । ପରିଶେଷରେ ଚାଷୀର ଟୋକନ ରଦ୍ଦ ହେଉଛି । ଏଣୁ ମଣ୍ଡି ବ୍ୟବସ୍ଥାର ସୁଧାର ଆଣିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ମଣ୍ଡଳୀ କଟକଠାରେ ଭିଜିଲାନ୍ସ ଡିଜିଙ୍କ ଅନୁପସ୍ଥିତିରେ ଡିଆଇଜି ଆର. ପ୍ରକାଶଙ୍କୁ ଭେଟି ତିନି ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

କୃଷକମୋର୍ଚ୍ଚା ଅଭିଯୋଗ କରିଛି ଯେ ଟୋକନ ବ୍ୟବସ୍ଥା ରାଜ୍ୟସ୍ତରୀୟ ହେଉଥିବାରୁ ସେଥିରେ ବ୍ୟାପକ ଅନିୟମିତତା ହେଉଛି । ପୂର୍ବଭଳି ଡିଏଲପିସି ମିଟିଂ ଜିଲ୍ଲାରେ ବସୁନାହିଁ । ଟୋକନ ପାଇଥିବା ଚାଷୀଙ୍କର ନାମ ତାଲିକା ମଣ୍ଡି କାନ୍ଥରେ ମରାଯାଉ ନାହିଁ । ଯେଉଁଦିନ ଯେତିକି ଟୋକନ ଧାର୍ଯ୍ୟ ହେଉଛି ସେତିକି ଚାଷୀଙ୍କଠାରୁ ମିଲର ଧାନ ନକିଣିବାରୁ ଚାଷୀର ଟୋକନ ଲାସ୍ ରଦ୍ଦ ହେଉଛି । ଟୋକନ ବ୍ୟବସ୍ଥା ରାଜ୍ୟ ସ୍ତରୀୟ ହୋଇଥିବାରୁ ଚାଷୀ ଆଉ ରାଜଧାନୀକୁ ଦୌଡିବା ସମ୍ଭବ ହେଉନାହିଁ । ଧାନ ମଣ୍ଡିରୁ ମିଲର କେତେ ପରିମାଣର ଧାନ କିଣିଛି ଏବଂ ବାସ୍ତବରେ କେତେ ପରିମାଣର ଧାନ ଟ୍ରକରେ ମହଜୁଦ୍ ଥାଇ ପରିବହନ ହେଉଛି ଏହାର ବିଧିବଦ୍ଧ କାଗଜ ଯାଂଚ କରାଯାଇ ଗାଡିକୁ ଓଜନ କରାଗଲେ ବାସ୍ତବ ଦୁର୍ନୀତି ଧରାପଡିବ ବୋଲି ଡିଆଇଜିଙ୍କୁ ଅବଗତ କଲେ କୃଷକମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ । ଏହା ବ୍ୟତୀତ ଏଫଏକ୍ୟୁ ମାନର ଧାନ ଚିହ୍ନଟ ପାଇଁ ପ୍ରତି ମଣ୍ଡିକୁ ସରକାର ମାପକ ଯନ୍ତ୍ରମାନ ଯୋଗାଇଛନ୍ତି, କିନ୍ତୁ ସେଥିରେ ଧାନକୁ ପରୀକ୍ଷା ନକରାଯାଇ ମିଲ୍‌ର ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ୱିଂଟାଲ ପ୍ରତି ସର୍ବନିମ୍ନ ୪କିଗ୍ରା ରୁ ୧୦କିଗ୍ରା ପର୍ଯ୍ୟନ୍ତ ଧାନ କଟାଯାଉଅଛି ଯଦ୍ୱାରା ଚାଷୀ କ୍ଷତି ସହୁଛି । ଯଦି ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯାଆନ୍ତା ତାହାଲେ ମଣ୍ଡି ବ୍ୟବସ୍ଥାରେ ଅନେକ ସୁଧାର ଆସିପାରନ୍ତା ଏବଂ ମିଲର୍ସମାନଙ୍କର ଉପଦ୍ରବ୍ୟବରୁ ଗରିବ ଚାଷୀଟି ରକ୍ଷାପାଇପାରନ୍ତା ଏବଂ ଲାଭବାନ ହୁଅନ୍ତା ବୋଲି କୃଷକମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ ଡିଜିଙ୍କ ଉଦ୍ଦେଶରେ ଡିଆଇଜିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ଜଣେ ଏସ୍‌ପି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ଡିଆଇଜି ଶ୍ରୀ ପ୍ରକାଶ ପ୍ରତିଶ୍ରୁତି ଦେଇଛନ୍ତି ।

ଏହିପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଉପସଭାପତି ହୃଶିକେଶ ଜେନା, ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, କଟକ ନଗର ବିଜେପି ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ମୋର୍ଚ୍ଚାର ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ହିତେଶ ମହାପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ କାନୁନଗୋ, ସଂଯୋଜକ ପ୍ରଶାନ୍ତ କୁମାର ଗଣ୍ଡିଆ, ଜଗତସିଂହପୁର ଜିଲ୍ଲା ସଭାପତି ତପନ କୁମାର ବେହେରା ଓ କଟକ ସଦର ଜିଲ୍ଲା ସାଧାରଣ ସଂପାଦକ ନିର୍ମଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଅନ୍ତା ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲପାଳକେ. ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ବାଲିଅନ୍ତା ବ୍ଲକ ଗସ୍ତ କରି ବ୍ଲକର ବିଭନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଶୁଣାଣି ପୂର୍ବକ ସେସବୁର କାର୍ଯ୍ୟନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୋଟ ୧୮୦ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ସ୍ଥଳେ ୩ ଟି ଅଭିଯୋଗ ସାମୁହିକ ଗ୍ରାମ୍ୟ ସମସ୍ୟାଓ ୧୭୭ ଟି ଅଭିଯୋଗବ୍ୟକ୍ତିଗତ ସମସ୍ୟା ସଂପର୍କିତ ଥିଲା । ୦୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଗୃହୀତ ଅନ୍ୟ ଅଭିଯୋଗଗୁଡିକୁ ସଂପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇ୭ରୁ ୧୫ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।ଅଭିଯୋଗଗୁଡିକ ମୁଖ୍ୟତଃ ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଚିକିତ୍ସା ସହାୟତା, ବିଭିନ୍ନ ଆବାସ ଯୋଜନାରେ ବାସହୀନଙ୍କ ପାଇଁ ଗୃହ ନିର୍ମାଣ, ଖରିଫ୍ ଧାନ ବିକ୍ରି ପ୍ରସଙ୍ଗରେ କୃଷକମାନଙ୍କ ପାଇଁ ସୁବିଧା କରାଯିବା ଆଦି ସଂପର୍କିତ ଥିଲା । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ)ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱରଉପ ଜିଲ୍ଲାପାଳ ଦେବବ୍ରତ ସାହୁ,ବାଲିଅନ୍ତା ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ବାସନ୍ତୀ ଖଟୁଆ,ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ କୁମାର ପଣ୍ଡା, ଏ.ସି.ପି ଜୋନ୍-୪ ଏସ୍.ଏନ୍.ମୁଦୁଲି, ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ଆୟୋଜିତ ମୁକ୍ତେଶ୍ୱର ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ଭରପୁର ଦର୍ଶକ ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ ।

ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଗୁରୁ ନିମକାନ୍ତ ରାଉତରାୟ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା ଶଙ୍କର ଶିବ ପାର୍ବତୀ ଦେବ ଚନ୍ଦ୍ରଶେଖର ତ୍ରାହୀମାମରୁ, ଯାହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ନିମକାନ୍ତ ରାଉତରାୟ । ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶିକତା ଦାସଙ୍କ ଦ୍ୱାରା ପ୍ରଥମେ ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ କାବ୍ୟ ନନ୍ଦିକା କେଶରୀ ଯାହା ରାଗ ମଲ୍ଲିକା ଓ ତାଳ ମଲ୍ଲିକା ଉପରେ ନିବଦ୍ଧ ଥାଇ ପରିବେଶିତ ହୋଇଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ବାଦ୍ୟ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ଶିକତା ଦାସ । ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ହିମାଂଶୁ କୁମାର ରାୟ ଓ ଦିପ୍ତୀରଞ୍ଜନ ବରାଳଙ୍କ ଦ୍ୱାରା ରୁଦ୍ର ମଣ୍ଡଳ ପରିବେଶିତ ହୋଇଥିଲା ଯାହା ଭଗବାନ ଶିବଙ୍କର ରୁଦ୍ର, ମହାକାଳ ଓ ନଟରାଜ ରୂପକୁ ଦର୍ଶାଉଥିଲା । ଅନ୍ତିମ ସଂଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ । ସେମାନେ ପ୍ରଥମେ ଶିବ ତାଣ୍ଡବ ସ୍ତୋତ୍ରମ ଯାହାର ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର । ପରେ ପରେ ରାଗ ଶଙ୍କରାଭରଣ ଓ ତାଳ ଏକତାଳୀ ଉପରେ ପଲ୍ଲବୀ ପରିବେଶିତ ହୋଇଥିଲା । ସେମାନଙ୍କର ଅନ୍ତିମ ପ୍ରସ୍ତୁତିଟି ଥିଲା ବନ୍ଦେ ସୂର୍ଯ୍ୟମ ଯାହାର ସଂସ୍କୃତ ଅନୁବାଦ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ସଙ୍ଗୀତ ସଂଯୋଜନା ଅଗ୍ନିମିତ୍ର ବେହେରା ଏବଂ ନୃତ୍ୟ ସଂରଚନା ଗୁରୁ ରତିକାନ୍ତ ମହାପାତ୍ର କରିଥିଲେ । ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିଖୁଣ ଏବଂ ସମୟ ସାମୟିକ ସଂରଚନାରେ ସୃଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ସୁନ୍ଦର ଓ ଚମତ୍କାର ପରିବେଷଣ ଅତ୍ୟନ୍ତ ଚିତ୍ତାକର୍ଷକ ଓ ଭାବୋଦ୍ଦୀପକ ଥିଲା ଯାହାକୁ ଦର୍ଶକ ବେଶ ପସନ୍ଦ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ମେୟର ଶୁଲୋଚନା ଦାସ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଉପ ସଭାପତି ଡ଼ଃ. ମନ୍ମଥ କୁମାର ଶତପଥୀ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ. ସଙ୍ଗୀତା ଗୋସାଇଁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼ଃ. ଶ୍ରୀନିବାସ ଘଟୁଆରୀ ଏବଂ ସଂହତି ପାଣି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଅଧିକାରୀ ବୃନ୍ଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ନୃତ୍ୟ କାର୍ଯ୍ୟକ୍ରମଟିର ଆଲୋକ ସଂଚାଳନ ଦେବୀପ୍ରସାଦ ମିଶ୍ର କରୁଥିଲେ ।

# ଆଠଗଡ଼ଠାରେ କୃଷି ଓ ପ୍ରାଣୀସଂପଦ ମେଳା

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ରାଜ୍ୟରେ କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରିଛନ୍ତି । କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ, ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଓ କୃଷି ଯନ୍ତ୍ରପାତିର ବ୍ୟବହାର ଫଳରେ କୃଷି ଉତ୍ପାଦନ ବୃଦ୍ଧି ହେବା ସହ ସମୟ ମଧ୍ୟ ସଂଚୟ ହୋଇପାରୁଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ସୋମବାର ଆଠଗଡ଼ର ମହୋତ୍ସବ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଓ ପ୍ରାଣୀସଂପଦ ମେଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ କେବଳ ଧାନ ଚାଷ ଉପରେ ନିର୍ଭର ନକରି ଡାଲି ଓ ତୈଳବୀଜ ଜାତୀୟ ଫସଲ ଚାଷ ସହିତ ମତ୍ସ୍ୟ ଓ ପ୍ରାଣୀପାଳନ ଆଦି କଲେ ଚାଷୀମାନେ ଅଧିକ ଲାଭ ପାଇପାରିବେ ଏବଂ ସେମାନଙ୍କର ଆୟ ବୃଦ୍ଧି ଘଟିବ । ସଂପ୍ରତି ଓଡ଼ିଶା ଏକ ବଳକା ଧାନ ଉତ୍ପାଦନକାରୀ ରାଜ୍ୟ ଭାବେ ବିବେଚିତ ହେବା ସହିତ ଅନ୍ୟ ରାଜ୍ୟଗୁଡ଼ିକୁ ବଳକା ଚାଉଳ ରପ୍ତାନୀ କରୁଛି । କୃଷକମାନଙ୍କ ଚାଷକାର୍ଯ୍ୟକୁ ସହଜ କରିବା, ବିଶେଷ କରି, ମହିଳା ଚାଷୀଙ୍କ ଶ୍ରମ ଲାଘବ ନିମନ୍ତେ ରାଜ୍ୟ ସରକାର କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ସଂପ୍ରତି ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶୂନ ପ୍ରତିଶତ ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରୁଛନ୍ତି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏହାର ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ୧୦ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାଛ ଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାରେ ମତ୍ସ୍ୟଚାଷୀ ପରିବାରର ୨୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଏକ ଲକ୍ଷ ୭୯ ହଜାର ଟଙ୍କା ଏକକାଳୀନ ବୃତି ରାଶି ପ୍ରଦାନ କରିଥିଲେ । ସେହିପରି ଗ୍ରାମପଂଚାୟତ ପୋଖରୀରେ ମାଛଚାଷ କରୁଥିବା ୨୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୦ ଲକ୍ଷ ୪୦ ହଜାର ଟଙ୍କା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ‘ଘରଦୁଆରେ ପୁଷ୍ଟି’ କାର୍ଯ୍ୟକ୍ରମରେ ୨୦ ଜଣ ମହିଳାଙ୍କୁ ଫଳଚାରା ଓ ପନିପରିବା ମଂଜି କିଟ୍ ପ୍ରଦାନ କରିଥିଲେ । ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, କଟକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିରଞ୍ଜନ ଦାସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସମରେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ମଧୁସୂଦନ ସୁବୁଦ୍ଧି, ଜିଲ୍ଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ଼-ନୂଆଗାଁ ରେଳ ସେକ୍ସନ ନୀରିକ୍ଷଣ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଇତି ମଧ୍ୟରେ ଚାଲୁରହିଥିବା ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ପ୍ରକଳ୍ପର ଖୋର୍ଦ୍ଧା ରୋଡ୍ - ନୂଆଗାଁ ରେଳ ସେକ୍ସନକୁନିରୀକ୍ଷଣ କରିଛନ୍ତି ଏବଂ ନୂଆଗାଁ ଓ ଦଶପଲ୍ଲା ମଧ୍ୟରେ ଚାଲୁରହିଥିବା ନିର୍ମାଣ କାର୍ଯ୍ୟ ସହିତ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଶ୍ରୀ ସୁନକର ମଧ୍ୟ ଖୋର୍ଦ୍ଧା ରୋଡରେ ଥିବା ରୋଡ୍ ଓଭର ବ୍ରିଜ୍ କାର୍ଯ୍ୟର ଯାଂଚ କରିଛନ୍ତି ଏବଂ ୱିଣ୍ଡୋ ଟ୍ରେଲିଂ ସହିତ ଖୋର୍ଦ୍ଧା ରୋଡ୍-ନୂଆଗାଁ ରେଳ ସେକ୍ସନର ନିରାପତା ଓ ଟ୍ରାଫିକ୍ ସୁବିଧା କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ଏହା ବ୍ୟତୀତ ମହାପ୍ରବନ୍ଧକ ଶ୍ରୀ ସୁନକର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିଥିଲେ ଏବଂ ନିର୍ମାଣାଧୀନ ସେତୁ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହିତ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସମାପ୍ତ ପାଇଁ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଯାତ୍ରୀ କେନ୍ଦ୍ରିକ ସୁବିଧାଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମାର୍ଚ୍ଚ ୨୦୨୩ ସୁଦ୍ଧା ନୂଆଗାଁ ଏବଂ ଦଶପଲ୍ଲା ମଧ୍ୟରେ ଥିବା ୧୫.୫ କିଲୋମିଟର ଦୈର୍ଘ୍ୟ ରେଳ ସେକ୍ସନ ମଧ୍ୟରେ ୫୭ ଟି ମାଇନର୍ ଏବଂ ୦୩ ଟି ମେଜର ବ୍ରିଜ୍ ସହିତ ୧୫ ଟି ରୋଡ୍ ଅଣ୍ଡର ବ୍ରିଜ୍ ଏବଂ ୦୪ ଟି ରୋଡ୍ ଓଭର ବ୍ରିଜ୍ ସହିତ ଅନ୍ୟାନ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟ ପାଇଁ ୧୯୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ୩୦୧ କିଲୋମିଟର ଦୈର୍ଘ୍ୟ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପରେ ୧୧୫.୩୬ କିଲୋମିଟର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ସେଥି ମଧ୍ୟରୁ ଖୋର୍ଦ୍ଧା ରୋଡ଼-ନୂଆଗାଁ ୯୦.୪୩ କିଲୋମିଟର ଏବଂ ବଲାଙ୍ଗୀର ଠାରୁ ଝରତରଭା ୨୪.୯୩ କିଲୋମିଟର ଅଟେ । ନିର୍ମାଣାଧୀନ କାର୍ଯ୍ୟ ମଧ୍ୟରୁ ନୂଆଗାଁ-ଦଶପଲ୍ଲା ୧୫.୪୪୫ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଝରତରଭା-ଖମ୍ଭେଶ୍ୱରପଲ୍ଲୀ-ସୋନପୁର ୨୧.୭୦ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଂଚଳର ରେଳ ଭିତିଭୂମି ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ନଜର ରଖିଛନ୍ତି । ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଫୋକସ୍ ପ୍ରୋଜେକ୍ଟ ଅନ୍ତର୍ଗତ ଥିବାରୁ ଏହା ପ୍ରତି ଶ୍ରୀ ବୈଷ୍ଣବ ବିଶେଷ ଧ୍ୟାନ ଦେଉଛନ୍ତି । ବହୁ ପ୍ରତୀକ୍ଷିତ ଜନସାଧାରଣ କୈନ୍ଦ୍ରିକ ରେଳ ପ୍ରକଳ୍ପ ନିର୍ମାଣ ସମୟରେ ଉପୁଜୁଥିବା ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡିକୁ ଶୀଘ୍ର ସମାଧାନ ପାଇଁ ତୃଣମୂଳ ସ୍ତରରେ ବିଭିନ୍ନ ସରକାରୀ ଓ ଅନ୍ୟାନ ସଂସ୍ଥା ମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବାକୁ ଶ୍ରୀ ବୈଷ୍ଣବ ରେଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ଯାହା ଫଳରେ ଖୋର୍ଦ୍ଧା ରୋଡ-ବାଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ତୃଣମୂଳ ସ୍ତରର ସମନ୍ୱୟ ଫଳପ୍ରଦ ହେବ ବୋଲି ସେ କହିଛନ୍ତି ।

# ଭୁବନେଶ୍ୱର ଷ୍ଟେସନର ଆରପିଏଫ୍ କନେଷ୍ଟବଳଙ୍କୁ ରେଳ ମନ୍ତ୍ରୀଙ୍କ ଜୀବନ ରକ୍ଷା ପଦକ

ଭୁବନେଶ୍ୱର, ୧୭/୦୧ (ନି.ପ୍ର): ପୂର୍ବ ତଟ ରେଳପଥ ଭୁବନେଶ୍ୱର ରେଳ ଷ୍ଟେସନର ଆରପିଏଫ କନଷ୍ଟେବଳ ସୁବ୍ରତ କୁମାର ମହାରଣା ୨୦୨୦ ବର୍ଷ ପାଇଁ ରେଳ ମନ୍ତ୍ରୀଙ୍କ ଜୀବନ ରକ୍ଷା ପଦକ ପାଇବାକୁ ମନୋନୀତ ହୋଇଛନ୍ତି । ଶ୍ରୀ ମହାରଣା ୧୫ ଫେବୃଆରୀ୨୦୨୦ ରେ ଭୁବନେଶ୍ୱର ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର - ୦୧ଠାରେ ପୁରୀ-ସମ୍ବଲପୁର ଇଂଟର ସିଟି ଏକ୍ସପ୍ରେସରେ ଚଢିବାକୁ ଚେଷ୍ଟା କରି ଚଳନ୍ତା ଟ୍ରେନରୁ ଖସି ପଡୁଥିବା ଜଣେ ମହିଳା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ । ଶ୍ରୀ ମହାରଣାଙ୍କ ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେତୁ ରେଳ ଟ୍ରାକରେ ପଡ଼ିବା ପୂର୍ବରୁ ମହିଳା ଯାତ୍ରୀଙ୍କୁ ଉଠାଇ ନେଇଥିଲେ । ବ୍ୟକ୍ତିଗତ ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ ଶ୍ରୀ ମହାରଣାଙ୍କ ଜାଗ୍ରତ ନୀରିକ୍ଷଣ ଏବଂ ତ୍ୱରିତ କାର୍ଯ୍ୟ ଦ୍ୱାରା ମହିଳା ଯାତ୍ରୀଙ୍କ ଜୀବନ ରକ୍ଷା କରାଯାଇଥିଲା ଯାହାକି ଗଣମାଧ୍ୟମ ସମେତ ଅନେକ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଶ୍ରୀ ମହାରଣାଙ୍କୁ ସମ୍ମାନଜନକ ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ସତର୍କତା ଓ ତ୍ୱରିତ କାର୍ଯ୍ୟ ପାଇଁ ଭୂୟଶୀ ପ୍ରଶଂସା କରିଛନ୍ତି । ଶ୍ରୀ ମହାରଣାଙ୍କୁ ଏହି ପଦକ ପାଇଁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ।

# ଓଡ଼ିଆ ଭାଷାର ଆଦିପ୍ରବକ୍ତା ଥିଲେ ସିଦ୍ଧପୁରୁଷ ଲୁଇପା



ବାରିପଦା,୧୭/୦୧ (ନି.ପ୍ର): ମାଟିର ବାସ୍ନାକୁ ଏଡେଇ ନପାରି ସେଦିନ ଚର୍ଯ୍ୟାଗିତିକା ରଚନା କରି ପ୍ରାଚୀନ ଓଡିଆ ଭାଷାକୁ ସମୃଦ୍ଧ କରିଥିବା ସିଦ୍ଧ ପୁରୁଷ ଲୁଇପାଙ୍କ ସାଧନା ପୀଠ ଉଦଳା ନିକଟସ୍ଥ ରାଢୋ ଗ୍ରାମର ସିନ୍ଦୁରାହୁଡି ଠାରେ ମକର ମିଳନ ଉତ୍ସବ କମିଟି ଏବଂ ବାବା ଯୋଶେଶ୍ୱର ମହିଳା ସଂଘ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ମକର ମିଳନ ଉତ୍ସବ ୧୯ ତମ ଲୁଇପା ମହୋତ୍ସବ ପାଳିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମୀଧର ପୁଥାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଭାବରେ ଉଦଳା ଏନ.ଏ.ସି.ର ଅଧକ୍ଷା କବି ପ୍ରମିଳା ପଣ୍ଡା, ମୁଖ୍ୟ ଅତିଥ ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଶରତଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଧାପକ ପ୍ରଫେସର ଡ.ଦେବାଶିଷ ପାତ୍ର, ବରେଣ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ସଭାପତି ଭାରତୀ ହଂସଦା, ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଢେଇ, କବି ବ୍ରଜେନ୍ଦ୍ରନାଥ ଗିରି, କବି କାଳିକିଙ୍କର ଦାସ, କବି ଅଭୟ ଦାସ, ଡ. ଭାଗବତ ପ୍ରସାଦ ଦାସ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମାଜସେବୀ ସବିତା ବେହେରା, ଅଭିନନ୍ଦନ ପତ୍ରିକାର ସଂପାଦକ ଜଗଦିଶ ମିଶ୍ର ପ୍ରମୁଖ ଯୋଗଦେଇ ଏହି ଲୁଇପା ସାଧନା ପୀଠର ଅଧିକ ଗବେଷଣା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବିତାଂଜଳି ତଥା ଆଲୋଚନା ଚକ୍ର ଓ ଉଦଯାପନୀ ଉତ୍ସବରେ ସାହିତ୍ୟକ ସତ୍ୟବ୍ରତ ମିଶ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି କବି କାଳିପଦ ପଣ୍ଡା, ମୁଖ୍ୟ ବକ୍ତା କବି ଗଗନ କୁମାର ସେଠୀ, କବି ପର୍ଶୁରାମ ସାହୁ, ସଂଜିବ ପ୍ରମାଣିକ, କବି ଗଙ୍ଗାଧର ଦାସ ,ବରିଷ୍ଠ ସାମ୍ବାଦିକ ସଚିଦାନନ୍ଦ ମହାନ୍ତି, କବି ଯୋଗେନ୍ଦ୍ର ପଣ୍ଡା, ସାହିତ୍ୟକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କବି ତିର୍ଥେଶରାୟ ମହାଶୟ, ପ୍ରମୁଖଙ୍କ ଉପସ୍ଥିତିରେ କବିତା ପାଠ କରାଯିବା ସହ ଏକ ଆଲୋଚନାଚକ୍ର ନୂଆ କବିତାର ସ୍ୱର ଓ ସ୍ୱାକ୍ଷର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାସିକ ସମ୍ବାଦ ଭିକ ପତ୍ରିକା ସମୟର ଚକ୍ର ସହ କବି ପର୍ଶୁରାମ ସାହୁଙ୍କ କବିତା ସଂଙ୍କଳନ ପର୍ଣ୍ଣିମ ଦ୍ୱାର ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ଲୁଇପା ସାହିତ୍ୟ ସମ୍ମାନ ପ୍ରଫେସର ଡ. ଦେବାଶିଷ ପାତ୍ର, ରାଜ୍ୟସ୍ତରୀୟ ମକର ମିଳନ ସମ୍ମାନ ରବିକାନ୍ତ ମହାପାତ୍ର, ଦେବକୁଣ୍ଡ ସମ୍ମାନ ରାଜାରାମ ବେହେରା, ଉଦାଳକ ସମ୍ମାନ ପ୍ରଭାତ କୁମାର ଆଚାର୍ଯ୍ୟ, ମା ଟାଙ୍ଗରାଣୁଣୀ ସମ୍ମାନ ଉପାସନା ସାହୁ, ସମିବୃକ୍ଷ ସମ୍ମାନ ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ, ବଣମଲ୍ଲୀ ସମ୍ମାନ ହାଡିବନ୍ଧୁ ପାତ୍ର, ଦେବଭାଷା ସମ୍ମାନ ଆଚାର୍ଯ୍ୟ ବିଜୟ ଜୀ, ନଚିକେତା ସମ୍ମାନ ସୁମନ୍ତ କୁମାର ଜେନା, ସମାଜସେବୀ ସମ୍ମାନ ଅମର ସେଠୀ, ସାହିତ୍ୟ ସାରଥି ସମ୍ମାନ ଡ. ବ୍ରଜଗୋପାଳ ମହାନ୍ତି, ବିଶେଷ ସମ୍ମାନ କବି ରମେଶଚନ୍ଦ୍ର ଦାସ, ମାମିନା ଟୁଡୁ, ଅମର କୁମାର ପାଲଙ୍କୁ ଶିକ୍ଷାସେବା ସମ୍ମାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଛି । ଶେଷରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ସଂପାଦକ ସର୍ବେଶ୍ୱର ଜେନା ସଂପାଦକୀୟ ବିବରଣୀ ପାଠ ଓ କବି ନିରୋଦ ସୁନ୍ଦର ଜେନା ଅତିଥି ଆବାହନ ଓ ପରିଚୟ ପ୍ରଦାନ କରିଥିଲେ । ସ୍ଥାନୀୟ ସରପଂଚ ବସେନ ମାରାଣ୍ଡି, ନରେନ୍ଦ୍ର ରାଉତ, ଜୟଶ୍ରୀ ପ୍ରଧାନ, ପାର୍ବତୀ ରାଉତ, ସତ୍ୟଭାମା ଜେନା, ଜୟନ୍ତ ନାୟକ, ମୋନାଲିସା ରାଉତ, ପ୍ରଭାସିନୀ ବିଶ୍ୱାଳ, ବିଷ୍ଣୁପ୍ରିୟା ବିଶ୍ୱାଳ, ମହେନ୍ଦ୍ର ସାହୁ, ଅଜୟ ବାରିକ, ହରେକୃଷ୍ଣ ନାୟକ, କୀରଣ କୁମାରୀ ବିଶ୍ୱାଳ, ରବିନ୍ଦ୍ର ମହାନ୍ତି ତଥା ବାବା ଯଶେଶ୍ୱରୀ ମହିଳା ସଂଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅବସରପ୍ରାପ୍ତ ରେଳ ଅଧିକାରୀଙ୍କ....

ପଦବୀରୁ ଅବସର ନେଇଥିଲେ । ସିବିଆଇ ଆକଳନ ଅନୁସାରେ ୨୦୦୫ରୁ ୨୦୨୦ ମସିହା ଭିତରେ ଶ୍ରୀ ଜେନା ଓ ତାଙ୍କ ପରିବାର ଲୋକଙ୍କ ସଂପତି ୩ କୋଟି ୨୫ ଲକ୍ଷ ରହିଥିଲା । ଏବେ ତାଙ୍କ ସ୍ଥାବର ଅସ୍ଥାବର ସଂପତିର ମୂଲ୍ୟ ୪ କୋଟି ୨୮ ଲକ୍ଷ ଟଙ୍କାରୁ ଅଧିକ ରହିଛି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ସିବିଆଇ ଗତ ୪ ତାରିଖରେ ପି.କେ. ଜେନାଙ୍କ ଘରେ ଚଢ଼ଉ କରିଥିଲା । ଶ୍ରୀ ଜେନାଙ୍କ ଭୁବନେଶ୍ୱର, କଟକ ଓ ଜଗତସିଂହପୁର ସ୍ଥିତ ଘର ଓ ଅଫିସ୍ ସମେତ ଏକକାଳୀନ ୫ଟି ସ୍ଥାନରେ ଚଢ଼ଉ ହୋଇଥିଲା । ରେଡ୍ ବେଳେ ୧ କୋଟି ୯୨ ଲକ୍ଷରୁ ଅଧିକ ଟଙ୍କାର ଆୟ ବହିର୍ଭୂତ ସଂପତି ଠୁଳ ନେଇ ପ୍ରମାଣ ପାଇଥିଲା ସିବିଆଇ । ଆୟ ତୁଳନାରେ ତାଙ୍କର ଏହି ସଂପତି ୫୯ ପ୍ରତିଶତ ଅଧିକ ରହିଛି ।

# ଗଣଶିକ୍ଷା ବିଭାଗର ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୭/୦୧ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ବ୍ରହ୍ମପୁର ଜୋନର ୮ଟି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିଅମରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଆଶ୍ୱଥୀ ଏସ୍, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଟି.ଇ. ଆଣ୍ଡ ଏସ୍.ସି.ଆର.ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମନ୍ତ୍ରୀ ଶ୍ରୀ ଦାଶ ଶିକ୍ଷା ମାଧ୍ୟମରେ ସାମଗ୍ରିକ ଓଡ଼ିଶା ଗଠନକୁ ଗୁରୁତ୍ୱ ଦେଇଛନ୍ତି । ଏହାସହ ଚିରାଚରିତ କାର୍ଯ୍ୟପନ୍ଥାରୁ ବାହାରି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । '୨୦୩୬ରେ ରାଜ୍ୟର ୧୦୦ ବର୍ଷ ପୂର୍ତି ଉପଲକ୍ଷେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆମର ଲକ୍ଷ୍ୟ' ମୁଖ୍ୟମନ୍ତ୍ରୀଙ୍କ ବାର୍ତା ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଆଶ୍ୱଥୀ ଏସ୍ କହିଛନ୍ତି ଶିକ୍ଷା ହିଁ ଆମ ବିଶ୍ୱାସକୁ ବୃଦ୍ଧି କରିଥାଏ । ପ୍ରଶିକ୍ଷଣ ଶିବିରର ସ୍ୱାଗତ ଭାଷଣ ଦେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମହାପାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ସ୍କିମ୍ ତଥା ଉଦ୍ୟମର ସଫଳ ରୂପାୟନ ନିମନ୍ତେ ଯଥାସାଧ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କମାନଙ୍କୁ ପ୍ରତ୍ୟକ୍ଷ ଭାବରେ ସ୍କୁଲ୍ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ନକଲି/ ଜାଲି ଶିକ୍ଷକମାନଙ୍କ ବିରୁଦ୍ଧରେ ଥିବା ମାର୍ଗଦର୍ଶକକୁ କଡାକଡି ଭାବରେ ପାଳନ କରିବା ନିମନ୍ତେ କୁହାଯାଇଛି । ମୋ ସରକାର ପ୍ରକୋଷ୍ଠ, ପି.ଏମ୍ ପୋଷଣ, ଏମ୍.ଡି.ଏମ୍, ଆର.ଟି.ଇ, ଏଫ୍.ଏଲ୍.ଏନ୍ ଆଦି ଅନେକ ବିଷୟରେ ଆଲୋଚନା କରାଯାଇଛି । ଏତଦ୍ ବ୍ୟତୀତ ନାରୀଶିକ୍ଷାକୁ ଅଗ୍ରାଧିକାର ଦେଇ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଅଧିନରେ ଥିବା ସ୍କୁଲମାନଙ୍କରେ ନାମଲେଖା ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଜୋନର ୮ଟି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ବିଶିଷ୍ଟ ବହି ଦୋକାନୀଙ୍କ ମୃତ୍ୟୁ : ଜଳେଶ୍ୱରରେ ଶୋକ



ଜଳେଶ୍ୱର ୧୭/୧(ନି.ପ୍ର) : ଜଳେଶ୍ୱରର ଥାନା ବଜାରସ୍ଥିତ ବହିଦୋକାନୀ ସୁଶାନ୍ତ ସେନାପତି (୬୨)(ଚଇତନ)ଙ୍କ ସୋମ ରାତିରେ ପରଲୋକ ଘଟିଛି । ସେ କିଛିଦିନ ଧରି ଫୁସଫୁସ ରୋଗରେ ପିଡିତ ଥାଇ ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆସୁଥିଲେ । ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ୧୨ନଂ ୱାର୍ଡ ନୂଆବଜାରର ବିପ୍ଳବୀ କବି ସ୍ୱର୍ଗତ ବନମାଳୀ ସେନାପତିଙ୍କ ସେ ତୃତୀୟ ପୁତ୍ର ଅଟନ୍ତି । ଆଜି ତାଙ୍କ ମର ଶରୀର ନୂଆବଜାର ବାସଗୃହରୁ ଏକ ଶୋଭାଯାତ୍ରରେ ସୁବର୍ଣ୍ଣରେଖା ନଦୀକୂଳ ଶିଖରପୁର ଶ୍ମଶାନରେ ସତ୍କାର କରାଯାଇଛି । ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ । ସେ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ, ସଫଳ ବ୍ୟବସାୟୀ ଭାବେ ପରିଚିତ । ବଡଭାଇ ସୁକାନ୍ତ, ରବିନ୍ଦ୍ର, ରାଜେନ୍ଦ୍ର, ମନୋରଂଜନ, ସୁଧିରଂଜନ, ଭଉଣୀ କମଳିନୀ, ଶୁଭଦ୍ରା, ପତ୍ନୀ, ନାତିନାତୁଣୀ, ପୁତରା ଝିଆରୀ, ନାତିନାତୁଣୀ ଓ ପରିବାରବର୍ଗ ମୃତ୍ୟୁଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ ।

# ନୀଳଗିରିରେ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ର ଉଦ୍‌ଘାଟିତ



ନୀଳଗିରି,୧୭/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସଦରମହକୁମା ଠାରେ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ରକୁ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭଉଦ୍‌ଘାଟନ କରିଥିଲେ । ଏଥିରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିଷ୍ଣୁମୋହନ ସୂତାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ନୀଳଗିରି ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ.ଏ.ସି. ଅଧକ୍ଷା ଶ୍ରୀମତୀ ଅମ୍ବିକା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଅନ୍ୟତମ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରିଣୀ ପ୍ରାଚୀ ତନୟା ଗିରି, ନୀଳଗିରି କେ.ସି. ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ, ଆଦିବାସୀ ଶିକ୍ଷଣ କେନ୍ଦ୍ରର ଯୁଗ୍ମ ସଂଯୋଜକ ଦ୍ୱୟ ପ୍ରମୁଖ ମଂଚାସୀନ ଥିଲେ । ସମସ୍ତ ଅତିଥିମାନଙ୍କୁ ଆଦିବାସୀ ପାରମ୍ପାରିକ ନୃତ୍ୟ ଓ ମାଦଳର ତାଳେତାଳେ ସ୍ୱାଗତ କରି ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ । ଏହି ଉଦ୍‌ଘାଟନ ଉତ୍ସବ ଅବସରରେ ଏକ ସାଧାରଣ ସଭା ଆୟୋଜନରେ ମୁଖ୍ୟ ପୁରୋଧା ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରିଣୀ ଶ୍ରୀମତୀ ସ୍ନିଗ୍ଧା ପଣ୍ଡା ପୌରହିତ୍ୟ କରିଥିବା ବେଳେ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ରର ମୁଖ୍ୟ ସଂଯୋଜକ ତଥା ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଯୋଗେନ୍ଦ୍ର ସେଠୀ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ର ପ୍ରତିଷ୍ଠା କରିବା ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ମାତ୍ର ଆଧୁନିକତାରେ ବଶବର୍ତୀ ଆଦିବାସୀ ସଂପ୍ରଦାୟ ଜାତିର ଗୌରବ, ଐତିହ୍ୟ, ସଂସ୍କୃତି, ପରମ୍ପରାର ଅବକ୍ଷୟ ହୋଇ ଯାଉଥିବାରୁ ଏହାର ସୁରକ୍ଷା, ପୁନଃରୁଦ୍ଧାର ସହିତ ଏହି ସଂପ୍ରଦାୟର ନିଜସ୍ୱ ଜୀବନ ଜୀବିକାଶୈଳି ପରମ୍ପରାକୁ ବଂଚାଇ ରଖିବା ପାଇଁ ସରକାରଙ୍କର ଏହି ଅଭିନବ ପ୍ରୟାସ ବୋଲି ମଂଚାସୀନ ଅତିଥିବୃନ୍ଦ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଆଜିର ଏହି ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ସମୟରେ ବାଲିଗୋହିରୀସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । କାର୍ତିକ କୁମାର ମହାପାତ୍ର ବେଦମନ୍ତ୍ର ପାଠ କରିଥିବା ବେଳେ ରତ୍ନାକର ଟାଉନ ହାଇସ୍କୁଲ ସହକାରୀ ଶିକ୍ଷକ ରଣଜିତ ବେହେରା ମଂଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଆଦିବାସୀ ଶିକ୍ଷଣ କେନ୍ଦ୍ରର ଫଳକ ଉନ୍ମୋଚନ କରାଯାଇଥିଲା । ନିଜଗଡ଼ସ୍ଥିତ ଆଦିବାସୀ ଶିକ୍ଷଣ ସାଧନ କେନ୍ଦ୍ରକୁ ଉପସ୍ଥିତ ଅତିଥିମାନେ ବୁଲି ଦେଖିବା ସହିତ ଆଦିବାସୀମାନଙ୍କର ଲୁପ୍ତ ପ୍ରାୟ ହୋଇ ଯାଉଥିବା ବିଭିନ୍ନ ସାମଗ୍ରୀ ଏକ ଜାଗାରେ ଦେଖିବାର ସୁଯୋଗ ଥିବାରୁ ଏଭଳି ପ୍ରୟାସକୁ ଭୂରି ଭୂରି ପ୍ରଶଂସା କରିଥିଲେ । ଏହି ଉତ୍ସବରେ ଆଖପାଖ ଅଂଚଳରେ ବହୁ ଜନଜାତିର ଲୋକେ ସାମିଲ ହୋଇଥିଲେ ।

# ଫେବୃୟାରୀ ପ୍ରଥମ ସପ୍ତାହରୁ ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର,୧୭/୦୧ (ନି.ପ୍ର): ରାଜ୍ୟ ସରକାରଦାବି ପୂରଣ ନକଲେ ଫେବୃଆରୀ ପ୍ରଥମ ସପ୍ତାହରୁ ସମୂୟ ଛୁଟିରେ ଯିବେ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ । ମଙ୍ଗଳବାର ଦିନ ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା, ରାଜେଶ ମହାନ୍ତି, ସୁଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ମାଷ୍ଟରକ୍ୟାଂଟିନ ଛକ ସ୍ଥିତ ଗୋଦାବରୀଶ ଭବନରେ ଏକ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସରକାର ଖୁବ ଶୀଘ୍ର ଦାବି ପୂରଣ ନକଲେ ସମସ୍ତ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ଫେବୃୟାରୀ ପ୍ରଥମ ସପ୍ତାହରୁ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଶିକ୍ଷାଦାନ ବାଧାପ୍ରାପ୍ତ ହେଲେ ସେଥିପାଇଁ ନିଜେ ସରକାର ଦାୟୀ ରହିବେ ବୋଲି ନେତୃମଣ୍ଡଳୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ଏହି ଷ୍ଟିୟରିଂ କମିଟି ବୈଠକରେ ସାଧାରଣ ସମ୍ପାଦକ ଖଗେନ୍ଦ୍ରନାଥ ପାଳ, ବିଭୁପ୍ରସାଦ ସାହୁ, ବଙ୍କିମ ସାଗର ଓ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ସୁରେଶ ପ୍ରଧାନ, ପ୍ରମୋଦ ପ୍ରଧାନ ଓ ଷ୍ଟିୟରିଂ କମିଟି ସଦସ୍ୟ ଗଜେନ୍ଦ୍ର ମାଝୀ, ବିକ୍ରମ ରଥ, ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ନୀଳଗିରି,୧୭/୦୧ (ନି.ପ୍ର): ନୀଳଗିରି ବଡ଼ଦାଣ୍ଡ ମଙ୍ଗଳାସାହିର ଯୁବବ୍ୟବସାୟୀ ସନ୍ଦୀପ ସାହୁ ଓରଫ ପପୁଲି (୩୭) ଦୀର୍ଘ ୧ମାସ ତଳେ ଏକ ସଡ଼କ ଦୁର୍ଘଟଣାର ଆହତ ହୋଇ ଚିକିତ୍ସିତ ହେଉଥିଲେ । ଆଜି ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଖବର ପ୍ରଚାରିତ ହେବା ପରେ ନୀଳଗିରିର ବହୁ ଯୁବକ ମ୍ରିୟମାଣ ହୋଇ ପଡ଼ିଥିବା ବେଳେ ନୀଳଗିରି ଅଂଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ସୂଚନା ଅନୁଯାଇ ନୀଳଗିରି ଏନ.ଏ.ସି. ୧ନଂ. ୱାର୍ଡ ମଙ୍ଗଳାସାହି ଅଂଚଳର ସ୍ୱର୍ଗତ ଉଦୟନାରାୟଣ ସାହୁ (ମୁକୁନି) ଙ୍କ ବଡ଼ ପୁଅ ସନ୍ଦୀପ କୁମାର ସାହୁ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ । ଫଳରେ ତାଙ୍କର ମସ୍ତିଷ୍କର ଗଭୀର ଆଘାତ ଲାଗିବା ଯୋଗୁଁ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ ।ପ୍ରଥମେ ନୀଳଗିରି, ପରେ ବାଲେଶ୍ୱର, ଏବଂ ପରେ ଭୁବନେଶ୍ୱରସ୍ଥିତ ସୋମ ହସପିଟାଲରେ ଚିକିତ୍ସିତ ହେଉଥିଲେ । କିଛିଦିନ ପୂର୍ବରୁ ଗୁରୁତର ହେବାରୁ ପରିବାର ଲୋକେ କଟକ ବଡ଼ମେଡିକାଲକୁ ନେଇ ଚିକିତ୍ସା କରାଉଥିଲେ । ହେଲେ ମଙ୍ଗଳବାର ପୂର୍ବାହ୍ନରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହେବା ପରେ ସମଗ୍ର ନୀଳଗିରି ଅଂଚଳର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । କଟକର ଶବବ୍ୟବଚ୍ଛେଦ ପରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନୀଳଗିରି ରେ ପହଂଚିବା ପରେ ନୀଳଗିରି ବାଇପାସ ଛକ ଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ନିଜ ବାସଭବନରେ ପହଂଚିଥିଲା । ଏହି ଶୋଭାଯାତ୍ରାରେ ସହରର ବହୁ ବ୍ୟବସାୟୀ, ଗଣସଂଗଠନ ସହିତ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ମରଶରୀର ନିକଟରେ ସନ୍ଦୀପଙ୍କ ମା ସମେତ, ସ୍ତ୍ରୀ, ସାନଭାଇ ବିବେକ ଏବଂ ବହୁ ବନ୍ଧୁ ପରିଜନ ସମବେତ ହୋଇ ଶେଷ ଦର୍ଶନ କରିଥିଲେ । ସନ୍ଦୀପଙ୍କ ମୃତ୍ୟୁରେ ତାଙ୍କ ସହଯୋଗୀ ଏବଂ ବନ୍ଧୁବାନ୍ଧବ ସହଜରେ ଗ୍ରହଣ କରି ନ ଥିବା ବେଳେ ଏଭଳି ଅସମୟରେ ଜଣେ ମିଷ୍ଟଭାଷୀ, ବନ୍ଧୁ ବତ୍ସଳ, ପରୋପକାରୀ, ବ୍ୟକ୍ତିଙ୍କୁ ହରାଇ ନୀଳଗିରି ଅଂଚଳ ସ୍ତବ୍ଧ ହୋଇଯାଇଛି ।

## ମେଡିକାଲରେ ଜନ ସଚେତନତା ଅଭିଯାନ

ଭଦ୍ରକ,୧୭/୦୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ପୌରହିତ୍ୟରେ ଜନସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବାହ୍ୟମଳମୁକ୍ତ ବ୍ୟବସ୍ଥା ଗ୍ରହଣ, ସୁରକ୍ଷିତ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଗ୍ରହଣ, ଚିନ୍ତାମୁକ୍ତ ଜୀବନଶୈଳୀ ଆଦି ଦ୍ୱାରା ଶରୀର ନୀରୋଗ ରହିପାରିବ ବୋଲି ଶିବିରରେ ଉପସ୍ଥିତ ଡାକ୍ତର ତପନ କୁମାର ବେଉରିଆ, ଜନସ୍ୱାସ୍ଥ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟକର୍ମୀ ନବଘନ ଦାସ ପ୍ରମୁଖ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ ।

# ସ୍ୱର୍ଗତ ମଳୟ ମହାନ୍ତଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାରିପଦା,୧୭/୦୧ (ନି.ପ୍ର): ସାଲିସ ବିହୀନ ସାମ୍ବାଦିକତା ସମାଜରେ ସୁଧାର ଆଣିଥାଏ ବୋଲି ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଯୋଗଦେଇଥିବା ସାମ୍ବାଦିକ ଗଣ ଏହା କହିଛନ୍ତି । ପ୍ରାରମ୍ଭରେ ଉପସ୍ଥିତ ବ୍ୟକ୍ତିବଶେଷ ଓ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ ଓତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସୌରଭ ପଟ୍ଟନାୟକ, ନିଳାଦ୍ରୀ ବିହାରୀ ଦଣ୍ଡପାଟ, ଦୀପକ କୁମାର ନାୟକ, ତପନ ପତି, ମାଣିକଲାଲ ପାଣି ଓ ରମାନାଥ ବାରିକ ପ୍ରମୁଖ ସ୍ୱର୍ଗତ ମଳୟ ମହାନ୍ତଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକ ପାତ କରିଥିଲେ । ସାମ୍ବାଦିକତାରେ ଶ୍ରୀ ମହାନ୍ତ ଜଣେ ଅନୁଷ୍ଠାନ । ନିଜେ ଅନେକ ସାମ୍ବାଦିକଙ୍କୁ ସାମ୍ବାଦିକତା ଶିଖାଇବା ସହିତ ତାଙ୍କର ନିର୍ଭୀକ ସାମ୍ବାଦିକତା ଆଜି ଯୁବ ସାମ୍ବାଦିକଙ୍କ ପାଇଁ ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ 'ସକାଳ' ଉତ୍ତର ଓଡିଶା ସଂସ୍କରଣରବ୍ୟୁରୋ ମୁଖ୍ୟ ଅସୀମ ମହାପାତ୍ରଙ୍କ ସମେତ ସାମ୍ବାଦିକ ସୁକାନ୍ତ କୁମାର ସାହୁ, ରଞ୍ଜନ କୁମାର ଦାଶ, ସଞ୍ଜୟ ମିଶ୍ର, ଭକ୍ତି ରଞ୍ଜନ ପଣ୍ଡା, ସୁଜିତ କୁମାର ପଟ୍ଟନାୟକ, ସୁକାନ୍ତ ଜୀଉ, ଆଲୋକ ସ୍ୱାଇଁ, ରୂପମ ସ୍ୱାଇଁ, ବିଶ୍ୱଜିତ ଭୂୟାଁ, ସୀତାନାଥ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ମନୋଜ ବେହେରା, ସୁବ୍ରତ ମହାନ୍ତି, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର ଓ ଅଭିଷେକ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସାମ୍ବାଦିକ ମନୋଜ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୭/୦୧ (ନି.ପ୍ର): ପ୍ରସିଦ୍ଧ ସନ୍ଥ ତଥା ଜଣାଶୁଣା ପରିବେଶବିତ୍ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ପୌରାଂଚଳର ଗୋପ ଗ୍ରାମ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମଦ୍ ବାବାଙ୍କ ଦୁଇ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଅବସରରେ କନ୍ତିଆ ଗ୍ରାମରେ ସତ୍‌ସଙ୍ଗ ପରେ ଗୋପ ରାମ ମନ୍ଦିରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମନ୍ଦିରରେ ଅବସ୍ଥାନ କରୁଥିବା ବରିଷ୍ଠ କୁଶ ବାବାଙ୍କ ଦେହରକ୍ଷାର ୩୧ ଦିନ ସ୍ମରଣ କାର୍ଯ୍ୟକ୍ରମ ଅବସରରେ ଅନନ୍ତ ବଳିଆ ସେବା ସଂଗଠନ ପକ୍ଷରୁ ସ୍ମରଣ କାର୍ଯ୍ୟର ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା । ଶ୍ରୀମଦ୍ ବାବା ଶ୍ରୀମଦ୍ ଭଗବତ ଗୀତା, ଭାଗବତ ଓ ରାମାୟଣ ପ୍ରଭୃତି ଗ୍ରନ୍ଥର ସାରତତ୍ୱ ଆଲୋଚନା କରିବା ସହ ଉପସ୍ଥିତ ଭକ୍ତ ମଣ୍ଡଳୀଙ୍କୁ ଆର୍ଶୀବଚନ ପ୍ରଦାନ କରିଥିଲେ । କେନ୍ଦ୍ରାପଡ଼ା ସହର ତଥା ଆଖପାଖ ଅଂଚଳର ବହୁ ବଳିଆ ଭକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ସଂଖ୍ୟାଲଘୁ ବିଭାଗରେ ତାହେରା ଖାତୁନ୍‌ଙ୍କ ଉପଦେଷ୍ଟା ନିଯୁକ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ



ଭଦ୍ରକ,୧୭/୦୧ (ନି.ପ୍ର): ଯୋଜନା ଓ ସମନ୍ୱୟ ବିଭାଗ ତଥା ଆଦିବାସୀ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଜିଲ୍ଲାର ବିଶିଷ୍ଟ ନାରୀନେତ୍ରୀ ତଥା ପୂର୍ବତନ ପୌରାଧକ୍ଷ ତାହେରା ଖାତୁନ୍‌ଙ୍କ ରାଜ୍ୟସରକାର ସଂଖ୍ୟାଲଘୁ ବିଭାଗରେ ଉପଦେଷ୍ଟା ପଦବୀରେ ନିଯୁକ୍ତି ଦେଇ ପ୍ରମୁଖ ଶାସନ ସଚୀବ ର୍ୟାଙ୍କ୍‌ରେ ମାନ୍ୟତା ପ୍ରଦାନ କରିଛନ୍ତି । ଶ୍ରୀମତୀ ଖାତୁନ୍ ଦୁଇଦୁଇଥର ଭଦ୍ରକ ପୌରପାଳିକାର ଉପାଧକ୍ଷ ଓ ପୌରାଧକ୍ଷ ଭାବେ ସଫଳତାର ସହ କାର୍ଯ୍ୟତୁଲାଇଛନ୍ତି । ତାଙ୍କ ପ୍ରତ୍ୟେକ୍ଷ ଉଦ୍ୟମରେ ଭଦ୍ରକର ୧୯୯୫ରେ ଏକ ସରକାରୀ ଉର୍ଦ୍ଦୁସିଟି ସ୍କୁଲ ପ୍ରତିଷ୍ଠା ହୋଇଥିଲା । ସେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ତଥା ଅନେକ ଶିକ୍ଷକ ସଂଘ ସହ ପ୍ରତ୍ୟେକ୍ଷ ସଂପୃକ୍ତି ରହନ୍ତି । ରାଜ୍ୟସରକାରଙ୍କ ସଂଖ୍ୟାଲଘୁ ବିଭାଗରେ ଉପଦେଷ୍ଟା ଭାବେ ତାଙ୍କ ନିଯୁକ୍ତିରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ଗୁଡିକୁ ଶୀଘ୍ର ସମାଧାନ ହୋଇପାରିବ ବୋଲି ଭଦ୍ରକର ଅନେକ ବୁଦ୍ଧିଜୀବୀ ଓ ଯୁବସଂଘଠକ ମାନେ ଆଶାବ୍ୟକ୍ତ କରିଛନ୍ତି । ଏହି ମର୍ମରେ ଭଦ୍ରକର ହାଜି ଅନୱର ହୋସେନ, ଜମିଲ ଅଖତର, ମତଲୁବ ଅଲ୍ଲିଖାନ, ସେକ୍ ସବ୍ବିର, ତବାରାକ ଅଲି, ସେକ ସମଦାନୀ ତଥା ବରିଷ୍ଠ ପାରିଷଦ ମହମ୍ମଦ ଜକାଉଲ୍ଲା, ସେକ୍ ଜୁଲଫକର ଅଲି, ସେକ କାଲା, ସହିଦ୍ ଖାନ, ସେକ୍ ଗରିବୁଲା, ସେକ ଫନ୍‌ଟୁସ, ଇଂ. ମୁକିଦ, ଶିକ୍ଷକ ନେତା ତବରେଜ ଖାନ, ଜାବେଦ ଅଖତର ଏବଂ ସେକ ଅଫତାବ ଆଲାମ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବିଜୁଙ୍କ ଡାକୋଟା ବିମାନ ଭୁବନେଶ୍ୱର ଅଭିମୁଖେ

ଜଳେଶ୍ୱର, ୧୭/୧(ନି.ପ୍ର) : ବହୁ ପ୍ରତୀକ୍ଷିତ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଭୂମୀପୁତ୍ର ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ଡାକୋଟା ବିମାନ କୋଲକତାରୁ ଆଜି ଭୁବନେଶ୍ୱର ଅଭିମୁଖେ ସଡକ ପଥରେ ଆସୁଥିବାର ଜଣାଯାଇଛି । ୩ଟି ସ୍ୱତନ୍ତ୍ର ଟ୍ରଲରରେ ଯନ୍ତ୍ରାଂଶ ସବୁ ସୁରକ୍ଷୀତ ଭାବେ ରଖାଯାଇ ସଂଧ୍ୟା ୭ଟାରେ ଏହି ଯାତ୍ରା ଆରମ୍ଭ ହୋଇଥିବା କୁହାଯାଇଛି । ସ୍ୱର୍ଗତ ବିଜୁପଟ୍ଟନାୟକ ରେଭେନ୍ସା କଲେଜରୁ ଉତ୍ତିର୍ଣ୍ଣ ହେବାପରେ ଜଣେ ବୈମାନିକ ଭାବେ ସୈନ୍ୟ ବିଭାଗରେ ଯୋଗ ଦେଇଥିଲେ । ପରେ ବିଭିନ୍ନ ଜରୁରୀ ଘଟଣାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବହାରଲାଲ ନେହେରୁଙ୍କ ନିର୍ଦ୍ଦେଶରେ ତାଙ୍କ ଡାକୋଟା ବିମାନରେ କାର୍ଯ୍ୟ କରିଛନ୍ତି । ଏପରିକି ଚୀନ ସହିତ ଯୁଦ୍ଧ ହେବାବେଳେ ହିମାଳୟ ପାଦଦେଶରେ ଭାରତୀୟ ସୈନ୍ୟଙ୍କୁ ଖାଦ୍ୟ ଯୋଗାଇବାରେ ପ୍ରମୁଖ ସ୍ଥାନ ଅଧିକାର କରିଥିଲେ । ଏହି ଡାକୋଟା ଦ୍ୱାରା ଇଣ୍ଡୋନେସିଆର ରାଷ୍ଟ୍ରପତିଙ୍କୁ ଉଦ୍ଧାର କରିଥିଲେ । ପରେ ବିମାନଟି କୋଲକତାର ନେତାଜି ସୁବାଶଚନ୍ଦ୍ରବୋଷ ବିମାନଘାଟିରେ ପରିତ୍ୟକ୍ତ ଭାବେ ପଡିରହିବାପରେ ବିଭିନ୍ନ ସମୟରେ ରାଜ୍ୟ ସରକାର ଏହାକୁ ରାଜ୍ୟକୁ ଆଣିବାରେ ପ୍ରଚେଷ୍ଟା କରିଛନ୍ତି । କିନ୍ତୁ ଆଜି ୩ଟି ଟ୍ରଲର ସାହାର୍ଯ୍ୟରେ ସମସ୍ତ ଯନ୍ତାଂଶ ସଡକ ପଥରେ ଆସୁଥିବାର ଜଣାଯାଇଛି । ଏହା ୬୦ନଂ ଜାତୀୟ ରାଜପଥରେ ଓଡିଶା ପ୍ରବେଶ କରିବ ବୋଲି କୁହାଯାଇଛି । ଦିନ ଦ୍ୱପ୍ରହରରେ କଲେକତାରୁ ଯାତ୍ରା ଆରମ୍ଭ କରି ସଂଧ୍ୟା ୬ଟା ଜଳେଶ୍ୱର ପହଞ୍ଚିବାକୁ ଥିବା ବେଳେ ପ୍ରବଳ ଭିଡ ଯୋଗୁଁ ସଂଧ୍ୟା ୭ଟାରେ ଏହି ଟ୍ରଲର ଯାତ୍ରା ଆରମ୍ଭ କରିଥିବା ଜଣାଯାଇଛି । ଭୋର ସମୟରେ ଏହା ଓଡିଶା ମାଟିକୁ ସ୍ପର୍ଷ କରୁଥିବାରୁ କେତେକ ବିଜୁପ୍ରେମୀ ସ୍ୱାଗତ କରିବାର ସ୍ଥିର କରିଛନ୍ତି ।

**AFFIDAVIT**

An affidavit before the executive Magistrate Balasore, I, Sri Chandan Kumar Shaw, aged about 38 year, S/o Akhila Shaw, Village-Badakanjiamba, Po.-Garadihi, PS.- Berhampur, Dist.-Balasore. Declare that my actually name is Chandan Kumar Shaw which is recorded in all my educational certificates & records. But in my Adhaar Card which No. is 855040563242 has been mentioned as Chandar Shaw which is wrong, but my actually name is Chandan Kumar Shaw. That both the names Chandan Kumar Shaw & Chandar Shaw is same & one person. Henceforth I will be known as Chandan Kumar Shaw in all purpose.

**Chandan Kumar Shaw**

## ‘ସୁରେନ୍ଦ୍ର ନାଥ ମେମୋରିଆଲ କ୍ରିକେଟ ଟୁର୍ଣାମେଣ୍ଟ’ ଉଦ୍‌ଘାଟିତ

ବାଲେଶ୍ୱର,୧୭/୦୧ (ନି.ପ୍ର): ବାଲେଶ୍ୱର ସଦରବ୍ଲକ ଖାନନଗର ଗ୍ରାମପଞ୍ଚାୟତ ଖେଳପଡିଆରେ ବିଶିଷ୍ଟ ସମାଜସେବୀ ସୁରେନ୍ଦ୍ରନାଥ ଦାସଙ୍କ ସ୍ମୃତିରେ ‘ସୁରେନ୍ଦ୍ର ନାଥ ମେମୋରିଆଲ କ୍ରିକେଟ ଟୁର୍ଣାମେଣ୍ଟ’ ଉଦଘାଟିତ ହୋଇଯାଇଛି । ଆଇନଜୀବୀ ଅନିରୁଦ୍ଧ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହିତ ଉଦୀୟମାନ କ୍ରୀଡ଼ାବିତ ସୃଷ୍ଟି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ତେବେ ଏହି ଟୁର୍ଣ୍ଣାମେଣ୍ଟ ଗ୍ରାମୀଣ କ୍ରୀଡ଼ାର ବିକାଶ ଓ ଭଲ ଖେଳାଳି ସୃଷ୍ଟିରେ ସହାୟକ ହୋଇଛି ବୋଲି ସେ କହିଥିଲେ । ବିଶିଷ୍ଟ ସମାଜସେବୀ ହରେନ୍ଦ୍ରନାଥ ଦାସ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ସମାଜସେବୀ ସଂଜୀବ ଜେନା, ଜାତୀୟ କ୍ରୀଡ଼ାବିତ× ତଥା ମାନବାଧିକାର କର୍ମୀ ସୁଧାକର ସେଠୀ, ଗୋପାଳ ତିଆଡ଼ି, ସଂଗଠନର ମୁଖ୍ୟ ସଂଜୟ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ହେମେନ୍ଦ୍ର କୁମାର ବୁଗୁଡେଇ ଏଥିରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପ୍ରଣବ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଘାଟନୀ ମ୍ୟାଚ ରେମୁଣା ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ଓ ବାଲେଶ୍ୱରର ଅଲରାଉଣ୍ଡର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ଫ୍ରେଣ୍ଡସ୍ କ୍ରିକେଟ କ୍ଲବ ୨୦ ଓଭରରେ ୨୦୩ ରନ ସଂଗ୍ରହ କରିଥିବା ବେଳେ ଅଲରାଉଣ୍ଡର କ୍ରିକେଟ କ୍ଲବ୧୮ଓଭରରେ ୪ଉଇକେଟ ହରାଇ ବିଜୟ ହାସଲ କରିଥିଲେ । ଶେଷରେ ୩୪ ବଲରେ ୮୦ରନ ସଂଗ୍ରହକରି ଚିତ୍ତାକର୍ଷକ କ୍ରୀଡା ପ୍ରଦର୍ଶନ କରିଥିବା ଅଜୟ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା ।

# ସେଣ୍ଟ ଭିନସେଣ୍ଟ ସିନିୟର ସେକେଣ୍ଡାରୀ କନଭେଣ୍ଟ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ

ବାଲେଶ୍ୱର,୧୭/୦୧ (ନି.ପ୍ର): ୫୦ବର୍ଷ ପୂର୍ତ୍ତି ଅବସରରେ ସେଣ୍ଟ ଭିନସେଣ୍ଟ ସିନିଅର ସେକେଣ୍ଡାରୀ କନଭେଣ୍ଟ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଶୁଭାରମ୍ଭ ହୋଇଛି । ବର୍ଷେ ବ୍ୟାପୀ ପାଳନ ହେବାକୁ ଯାଉଥିବା ଏହି ଉତ୍ସବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବ ଉଦଘାଟିତ ହୋଇଥିଲା । ବାଲେଶ୍ୱର ରୋମାନ କାଥୋଲିକ ଡାଇଓସିସ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ ଫାଦର ଆଇଜାକ ପୁତନାଙ୍ଗଡି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ



ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲର ପତାକା ଉତ୍ତୋଳନ ପୂର୍ବକ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ‘ୟୁଫେଉସ - ଏଜୁକେଟ ଟୁ ଏକ୍ସେଲ’କୁ ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀ ଜେନା ସୁବର୍ଣ୍ଣ ଜୟନ୍ତୀ ଲୋଗ ଉନ୍ମୋଚନ କେକ କାଟି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବାଲେଶ୍ୱର ସହରରେ ଶିକ୍ଷାର ଉନ୍ନତି ପାଇଁ ଡାଇଓସିସ୍ ପକ୍ଷରୁ ୧୯୭୪ ମସିହାରେ ଆରମ୍ଭ ହୋଇଥିବା ମିଶନ୍ ଏ ଯାବତ ସଫଳତାର ସହ ପରିଚାଳିତ ହୋଇଚାଲିଛି ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ସହ ଦେଶ ଗଠନରେ ସେମାନଙ୍କ ଯୋଗଦାନ ଭଳି ମହତ କାର୍ଯ୍ୟରେ ସର୍ବଦା ଈଶ୍ୱରୀୟ ଶକ୍ତିଙ୍କ ପ୍ରଭାବ ଥାଏ ବୋଲି ଶ୍ରୀ ଜେନା ମତ ପ୍ରକାଶ କରିଥିଲେ । ପୂର୍ବତନ ପ୍ରିନିସିପାଲ ସିଷ୍ଟର ପବିତ୍ରା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ରୋମାନ କାଥୋଲିକ ଡାଇଓସିସ୍‌ର ଶିକ୍ଷା ସଚିବ ଫାଦର ସାଜି ଯୋଶେଫ, ଡାଇଓସିସ୍‌ର ସମ୍ପାଦକ ଫାଦର ଜର୍ଜ, ସ୍କୁଲର ପ୍ରଥମ ପ୍ରିନସିପାଲ ସିଷ୍ଟର ମୋଡେଷ୍ଟା, ପୂର୍ବତନ ପରିଚାଳକ ଫାଦର ଜୋଶ୍ ଆର୍ସେରିଲ୍, ପୂର୍ବତନ ପ୍ରିନସିପାଲ ସିଷ୍ଟର ସେମା ମାରିଆ, ସିଷ୍ଟର ଲିସି ମାଥ୍ୟୁସ୍, ସିଷ୍ଟର ସାଲୋ ପ୍ରମୁଖ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଶୁଭେଚ୍ଛା ଜଣାଇଥିଲେ । ସ୍କୁଲର ପ୍ରିନସିପାଲ ସିଷ୍ଟର ଦିପ୍ତୀ ଏଥିରେ ସ୍ୱାଗତ ଅଭିଭାଷଣ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।

# ବିଶିଷ୍ଟ ସଂଗଠକ ଶରତ ଚନ୍ଦ୍ର ଦାଶଙ୍କର ୮୮ତମ ଜୟନ୍ତୀ ପାଳିତ



ବାଲେଶ୍ୱର ,୧୭/୦୧ (ନି.ପ୍ର): ଅପରାହ୍ନ ୫ଟାରେ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି ସମାଜ ସେବୀ, ସଂଗଠକ ତଥା ସାମ୍ୟବାଦୀ ଚେତନାର ବ୍ୟକ୍ତି ଶରତ ଚନ୍ଦ୍ର ଦାଶଙ୍କର ୮୮ତମ ଜୟନ୍ତୀ । ଏହି ସଭା ଅନୁଷ୍ଠାନର ସଭ୍ୟ ବ୍ରହ୍ମନାଥ ରଥଙ୍କ ପୌରହିତ୍ୟରେ ପରିଚାଳିତ ହୋଇଥିଲା । ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ସଂସ୍ଥା ସ୍ରଷ୍ଟାର ସଂପାଦକ ହେମେନ୍ଦ୍ର ମହାପାତ୍ର ଓ ନୃତ୍ୟ ସଙ୍ଗୀତ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଲକ୍ଷ୍ମୀ ଘୋଷ ଅତିଥି ଭାବରେ ଯୋଗ ଦେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ଜାଳି ଶରତ ଚନ୍ଦ୍ର ଦାଶଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ସୁଜିତ ଦେବ, ରାମଚନ୍ଦ୍ର , ସତ୍ୟସଁ ଦାସ, କଲ୍ୟାଣୀ ନନ୍ଦ , ନୃତ୍ୟ ସଙ୍ଗୀତ କଳାମନ୍ଦିରର ସମସ୍ତ ଛାତ୍ର ଛାତ୍ରୀ ପୁଷ୍ପ ଗୁଚ୍ଛ, ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ । ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ କେକ କଟା ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ, ଉତ୍ପଳ ମହାନ୍ତି, ଗୁରୁ ଭାସ୍କର ଖିଲାର, ଛାତ୍ରୀ ଓରୋଦିପ୍ତା ସ୍ୱାଇଁ , ସନ୍ତୋଷ ସେନାପତି, ସୁଦିପ୍ତା, ସ୍ମୃତି ଦେ, ପ୍ରମୁଖ ଉପସ୍ଥିତ ରହି ଶ୍ରୀଯୁକ୍ତ ଦାଶଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ଶ୍ରୀଯୁକ୍ତ ଦାଶ ତାଙ୍କର ସାଂଗଠନିକ ଜୀବନର ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ କହିଥିଲେ । ପ୍ରାରମ୍ଭିକ ସୂଚନା ଅନୁଷ୍ଠାନର ସଭ୍ୟ ଅଜୟ ଆଚାର୍ଯ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ଶିକ୍ଷକ ନନ୍ଦ କିଶୋର ଦାସ ଶେଷ କଥା ରଖିଥିଲେ । ପ୍ରାରମ୍ଭରେ କଲ୍ୟାଣୀ ନନ୍ଦ ଶରତ ଚନ୍ଦ୍ର ଦାଶଙ୍କ ଉପରେ ଏକ ସୁନ୍ଦର ସଙ୍ଗୀତ ଗାନ କରିଥିଲେ ।

## ନଗର ବିଜେପିର ପ୍ରବାସ ବୈଠକ

ବାଲେଶ୍ୱର,୧୭/୦୧ (ନି.ପ୍ର): ନଗର ବିଜେପି ପକ୍ଷରୁ ପ୍ରବାସ ବୈଠକ ଅନୁଷ୍ଠିତ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ନଗର ପ୍ରଭାରୀ କମଲ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର, ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ମମତା ମହାପାତ୍ର, ଅରୂପ ଜେନା, କାଉନସିଲର ସତ୍ୟଶିବ ସୁନ୍ଦର୍ ଦାସ, ନିରୂପମା ଦାସ, ରୋଜାଲିନି ପାଣି, ନିତ୍ୟ ଗୋଲ ସିଂହ, ଯୋଗେନ୍ ଚନ୍ଦ୍ର ରଣା, ସନାତନ ବାରିକ, ସଞ୍ଜୀବ ପ୍ରଧାନ, ପବନ ସିଂହ, ସସ୍ମିତା ପଣ୍ଡା, ସର୍ବେଶ୍ୱର ପାତ୍ର, ପ୍ରଶାନ୍ତ ପରିଡ଼ା,ଶେଖ୍ ଅଫଜଲ, ଦେବବ୍ରତ ମିଶ୍ର, ସଂଯୁକ୍ତା ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଦଳୀୟ ସଂଗଠନ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ବୁଥ୍ ସ୍ତରରୁ ଦଳକୁ ମଜବୁତ କରିବା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଯୁବ ସମାଜ ସେବୀ ସଙ୍ଗମ ଦାସ ଦଳରେ ଯୋଗଦାନ କରିଥିଲେ । ତାଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରିଥିଲେ ।

## ଦୀପକ ମିଶ୍ରଙ୍କୁ ଜାତୀୟ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ

ଗୋପବନ୍ଧୁନଗର,୧୭/୦୧ (ନି.ପ୍ର): ଓଡ଼ିଶାର ଏକମାତ୍ର ଯୁବକ ଭାବେ ଜାତୀୟ ଯୁବ ପ୍ରତିଭା ପାଇଁ ମନୋନିତ ହୋଇ କର୍ଣ୍ଣାଟକର ହୁବାଳି ଠାରେ ଆୟୋଜିତ ଯୁବ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଛି । କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଶ୍ରୀ ବାସଭରାଜ ସମାପା ବୋମାଇ ଏବଂ କର୍ଣ୍ଣାଟକର ରାଜ୍ୟପାଳ ଥୁଆରଚାନ୍ଦ ଗେହ୍ଲଟ ପ୍ରମୁଖ ଉପସ୍ଥିତ ହୋଇ ତାଙ୍କୁ ମାନପତ୍ର ସହ ଉପଢ୍ୌକନରେ ସମ୍ମାନିତ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀ ଅନୁରାଗ ଠାକୁର ଯଥ ଏଫୟର ସ୍ପୋର୍ଟ୍ସ ଗଭର୍ଣ୍ଣମେଂଟଣ୍ଟ ଅଫ ଇଣ୍ଡିଆର ପ୍ରମୁଖ ମନ୍ତ୍ରୀ ମାନଙ୍କ ଗହଣରେ ତାଙ୍କୁ ସମ୍ମାନିତ କରାଯାଇଛି । ଉଲ୍ଲେଖ ଥାଉକି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ପଂଚାୟତର ବଳଭଦ୍ରପୁର ଗ୍ରାମର ଦୀପକ



କୁମାର ମିଶ୍ର କଲେଜ ପଢ଼ିବା ସମୟରେ ଜାତୀୟ ସେବା ଯୋଜନାରେ ଭାଗ ନେଇ ସେ ସର୍ବୋଚ୍ଚ ପୁରସ୍କାର ପାଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ୨୦୧୯ ରେ ଶ୍ରେଷ୍ଠ ପୁରସ୍କାର ପାଇଥିଲେ । ୨୦୨୧-୨୨ରେ ଜାତୀୟ ପୁରସ୍କାର ସେବା ଯୋଜନାରେ ରାଜ୍ୟ ସ୍ତରରେ ମଧ ପୁରସ୍କୃତ ହୋଇଛନ୍ତି । ମହାମାରୀ କରୋନା ସମୟରେ ତାଙ୍କର ଅବଦାନ ଅତୁଳନୀୟ । ଇଚ୍ଛା ଓ ଦୃଢ଼ ବିଶ୍ୱାସ ପାଇଁ ସର୍ବଭାରତୀୟ ସ୍ତରରେ ୨୦୨୩ ଜଣ ଯୁବକଙ୍କ ମଧ୍ୟରେ ଓଡ଼ିଶାର ଏକମାତ୍ର ଯୁବକ ଭାବରେ ଦୀପକଙ୍କୁ ସମ୍ମାନିତ କରାଯାଇଥିବାରୁ ଉପଖଣ୍ଡ ସ୍ତରରେ ତାଙ୍କ ନିକଟକୁ ଶୁଭେଚ୍ଛାର ଶୁଅ ଛୁଟିଛି ।

## ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଖେଳକୁଦ ସମାରୋହ



ନୀଳଗିରି,୧୭/୦୧ (ନି.ପ୍ର): ବିଦ୍ୟାଭାରୀ ଓଡ଼ିଶା ପୂର୍ବୋତର ସମ୍ଭାଗ ଶିକ୍ଷାବିକାଶ ସମିତି ଆନୁକୂଲ୍ୟରେ ସୋମବାର ୧୬ତାରିଖ ଏବଂ ମଙ୍ଗଳବାର ୧୭ତାରିଖ ଦିନ ଦୁଇ ଦିବସୀୟ ସମ୍ଭାଗ ଖେଳକୁଦ ସମାରୋହ ନୀଳଗିରି ଶିଶୁ ବିନ୍ଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସରୋଜ କୁମାର ଦାସ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷ ମୁକ୍ତେଶ୍ୱର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବର ମୁଖ୍ୟବକ୍ତା ଭାବେ ଦେବେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଇଂ. ସୁଜିତ ମହାନ୍ତି, ଉପସ୍ଥିତ ରହି ନିଜ ନିଜର ଉଦ୍‌ବୋଧନ ଦେଇଥିଲେ । ଉତ୍ସବର ସମ୍ଭାଗ ସଂଯୋଜକ ହେମନ୍ତ କୁମାର ମହାରଣା ଖେଳକୁଦ ପରିଚ୍ଳନା କରିଥିଲେ । ଭଦ୍ରକ ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କ ମଧ୍ୟରେ ଶାରିରୀକ ଓ ମାନସିକ ଦକ୍ଷତା ବୃଦ୍ଧିରେ ଖେଳକୁଦ ଏକ ପ୍ରମୁଖ ମାଧ୍ୟମ ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ । ଶେଷରେ କୃତି ପିଲାମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା ।

## ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୧୭/୦୧ (ନି.ପ୍ର): ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶେଷ ଦିନରେ ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ମିଳିତ ସହଯୋଗରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମୂଲ୍ୟବାନ ଜୀବନ ରକ୍ଷା ପାଇଁ ଟ୍ରାଫିକ ନିୟମ ସମସ୍ତେ ମାନିବା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପାଣିଗ୍ରାହୀ ଏଥିରେ ଉପସ୍ଥିତ ରହି ବାଧ୍ୟତା ମୂଳକ ଟ୍ରାଫିକ ନିୟମ ଲାଗୁ କରିବା ଅପେକ୍ଷା କେବଳ ଜନସଚେତନତା ଦ୍ୱାରା ଦୁର୍ଘଟଣାକୁ ରୋକିବା ସହିତ ଧନଜୀବନ ରକ୍ଷା ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ସଡ଼କ ସୁରକ୍ଷା ସପ୍ତାହ ପାଳନର ଆଭିମୁଖ୍ୟ ଏବଂ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏମଭିଆଇ ସ୍ୱହା ହେମରମ, ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ ବିପ୍ଳବ କୁମାର ମହାନ୍ତି, ଟ୍ରାଫିକ ଥାନାଧିକାରିଣୀ ପ୍ରେମପ୍ରଜ୍ଞା ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ପରିବହନ କାର୍ଯ୍ୟାଳୟର କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଗଣସଂଗଠନର ସ୍ୱେଚ୍ଛାସେବୀମାନେ ଏହି ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ସରସ୍ୱତୀ ବିହାରରେ ଡ. ଫିଲିପ ରୁଷିନସ୍କି

ଭଦ୍ରକ, ୧୭/୧: ବିଶ୍ୱ ସଂସ୍କୃତ ସଂଗଠନର କେନ୍ଦ୍ରୀୟ ସଚିବ ତଥା ବିବସ୍ୱାନ୍ ଫାଉଣ୍ଡେସନ, ପୋଲାଣ୍ଡର ନିର୍ଦ୍ଦେଶକ ଡ.ଫିଲିପ ରୁଷିନସ୍କି ଭଦ୍ରକ ବରପଦା ସ୍ଥିତ ସରସ୍ୱତୀ ବିହାର ଆସି ବିଶ୍ୱ ସଂଗଠନର କେନ୍ଦ୍ରୀୟ ଅଧ୍ୟକ୍ଷ ଡ.ସଦାନନ୍ଦ ଦୀକ୍ଷିତ ଙ୍କ ସହ ସଂଗଠନର ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଗଠନର ୧୯ଟି ଦେଶରେ ଥିବା ରାଷ୍ଟ୍ରୀୟ ସଭାପତିଙ୍କୁ ନେଇ ଏକ ଆଭାସୀ ଆଲୋଚନାଚକ୍ର ଡ.ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ସମସ୍ତ ରାଷ୍ଟ୍ରରେ ସଂସ୍କୃତ ସମ୍ଭାଷଣ ଓ ଯୋଗାଭ୍ୟାସ କେନ୍ଦ୍ର ପରିଚାଳନା କରିବା ଏବଂ ବୈଦିକ ବିଜ୍ଞାନ ଉପରେ ଗବେଷଣା କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ସଂସ୍କୃତ ଓ ବୈଦିକ ବିଜ୍ଞାନ କ୍ଷେତ୍ରରେ ବିବସ୍ୱାନ୍ ଫାଉଣ୍ଡେସନ ଓ ସରସ୍ୱତୀ ଗବେଷଣା ସଂସ୍ଥାନ ମିଳିତ ଭାବେ କାର୍ଯ୍ୟ କରିବାକୁ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଥିଲା । ଯୁଦ୍ଧ ପରିସ୍ଥିତି ଶାନ୍ତ ହେବା ପରେ ଡ.ଦୀକ୍ଷିତ ପୋଲାଣ୍ଡ ଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ସରସ୍ୱତୀ ବିହାରରେ ତାଳପତ୍ର ପୋଥି ସଂରକ୍ଷଣ କେନ୍ଦ୍ର ଓ ବୈଦିକ ବିଦ୍ୟାପୀଠମ୍ ପରିଦର୍ଶନ କରି ଡ଼. ରୁଷିନସ୍କି ସନ୍ତୋଷ ପ୍ରକାଶ କରିଥିଲେ । ୫ଦିନ ରହଣୀ ସମୟରେ ସେ ପୁରୀ, କୋଣାର୍କ, ଭୁବନେଶ୍ୱର ପରିଭ୍ରମଣ କରି ଓଡ଼ିଶାର କଳିଭୈବଭକୁ ପ୍ରଶଂସା କରିଥିଲେ ।

## ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ ଉଦ୍‌ଘାଟିତ

ବାରିପଦା,୧୭/୦୧ (ନି.ପ୍ର): ବାରିପଦା ସହରର ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୪୦ ତମ ମକର ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ତ୍ରିରଙ୍ଗା କ୍ଲବରୁ ବାହାରି ସ୍ଥାନୀୟ ଗ୍ରାମଦେବୀ ଓ ମା ଅମ୍ବିକାଙ୍କ ନିକଟରେ ପୂଜା ଅର୍ଚ୍ଚନା ପରେ ସହର ପରିକ୍ରମା କରିଥିଲା ଓ ପରେ ପରେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ଖେଳ ପଡିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଉଭୟ ପୁରୁଷ ଓ ମହିଳା ବର୍ଗ ମଧ୍ୟରେ ବିଭିନ୍ନ ପ୍ରକାରର ଖେଳାକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜିର ଏହି ଉଦ୍ଘାଟନୀ ଉତ୍ସବରେ କ୍ରୀଡାବିତ ଗିରିଶ ଚନ୍ଦ୍ର



ଦାସ, ଏମସିସି ବ୍ୟାଙ୍କର ସଭାପତି ସୁବ୍ରମନ୍ୟମ ମହାନ୍ତି, ୱାର୍ଡ କାଉନସିଲର ନିରୁପମା ମହାନ୍ତି, ସାହିତ୍ୟିକ ପଦ୍ମନାଭ ସାହୁ, ସମାଜସେବୀ କଳ୍ପନା ମହାନ୍ତ, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ତିନି ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ଆଲୋକ କୁମାର ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ ଓ ତତ ସହିତ କ୍ୟାରମ, ବେଡ଼ମିଂଟନ ଓ କବାଡି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ବାରିପଦା ସହର ତଥା ଗ୍ରାମାଂଚଳରୁ ମଧ ବହୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ଶେଷ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣୀ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ଉପସଭାପତି ରବି ନାରାୟଣ ମହାନ୍ତି ଜଣାଇଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ହିତାଧିକାରୀଙ୍କ ନାମ ବାଦ

## ବ୍ଲକ ପରିସରରେ ଅଭିଯୋଗକାରୀଙ୍କ ଭିଡ : ସଂଶୋଧନ ନହେଲେ ୨୪ରୁ ଅନଶନ

ଜଳେଶ୍ୱର, ୧୭/୧(ନି.ପ୍ର) : ନିକଟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ପ୍ରକାଶ ପାଇବାକୁ ଥିବା ବେଳେ ସେଥିରେ ହେରଫେର ହୋଇଥିବା ଏବଂ ବହୁ ହିତାଧିକାରୀ ବାଦ ପଡିଥିବା ଅଭିଯୋଗ କାରି ଆଜି ପଂଚାୟତ ସମିତି କାର୍ଯ୍ୟାଳୟରେ ବହୁ ବ୍ୟକ୍ତି ରୁଣ୍ଡ ହୋଇଥିଲେ । ଜାନୁଆରୀ ୨୪ ତାରିଖ ସୁଦ୍ଧା ତ୍ରୁଟି ଗୁଡିକର ସଂଶୋଧନ ନ ହେଲେ ୨୫ତାରିଖରୁ ଆମରଣ ଅନଶନ ହେବ ବୋଲି ହିତାଧିକାରୀମାନେ ବିଡିଓଙ୍କୁ ଲିଖିତଭାବେ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ଆଣିବାପାଇଁ ଆସନ୍ତା ୨୪ ତାରିଖ ଯାଏ ଜଳେଶ୍ୱରର ୩୫ଟି ପଂଚାୟତ କାର୍ଯ୍ୟାଳୟରେ ଯୋଗ୍ୟ ହିତାଧିକାରୀଙ୍କ ନାମ ଟଙ୍ଗା ଯାଇଛି । ଫଳରେ ପଂଚାୟତ କାର୍ଯ୍ୟାଳୟରୁ ପଂଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ତନାଘନା ଆରମ୍ଭ ହୋଇଛି । ତଥ୍ୟ ଅନୁଯାୟୀ ଜଳେଶ୍ୱର ବ୍ଲକରେ ନ୍ୟୁ ପିଏମ୍‌ଏୱ(ଜି)ରେ ୬୭୭୪ଜଣ ଓ ପିଏମ୍‌ଏୱ(ଜି) ସ୍ୱେଶାଲ ଫିଜିକାଲ ରିପୋର୍ଟ ଅନୁଯାୟୀ ୧୭୮୬ ଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ ହୋଇଛି । କିନ୍ତୁ ସରକାରଙ୍କ ନିତୀନିୟମ ଅନୁଯାୟୀ ୫୧୭୫ଜଣ ନ୍ୟୁ ପିଏମ୍‌ଏୱ(ଜି) ଓ ୧୭୭୧ଜଣ ପିଏମ୍‌ଏୱ(ଜି) ସ୍ୱେଶାଲ ଫିଜିକାଲଙ୍କୁ ଆବାସ ଯୋଜନାରେ ଘର ଯୋଗାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହି ଅନୁଯାୟୀ ବହୁ ହିତାଧିକାରୀଙ୍କ ନାମ ତାଲିକାରେ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି । ବାସ୍ତବ କ୍ଷେତ୍ରରେ ପ୍ରାୟ ଅନ୍ୟୁନ ୪ହଜାର ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ସଂପର୍କରେ କୁହାଯାଇଛି । ଆଜି ଏ ସପର୍କରେ ପଂଚାୟତ ସମିତି କାର୍ଯ୍ୟାଳୟରେ ସବୁ ପଂଚାୟତର ବହୁ ବ୍ୟକ୍ତି ରୁଣ୍ଡ ହୋଇଥିଲେ । ୭ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସେମାନେ ବିଡିଓଙ୍କୁ ପ୍ରଦାନ କରିଛନ୍ତି । ସେଥିରେ କେଉଁ ଆଧାରରେ ହିତାଧିକାରୀ ଚିହ୍ନଟ ହୋଇଛନ୍ତି ପୂର୍ବରୁ ହିତାଧିକାରୀଙ୍କ ନାମ ଥାଇ ପ୍ରକାଶ ପାଇଥିବା ତାଲିକା ସହିତ ଏବେ ତାଲିକା ମେଳ ଖାଉନଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳା ହିତାଧିକାରୀଙ୍କ ନାମ ପ୍ରକାଶ କରିବାକୁ ଥିବା ବେଳେ ତାହା ନ ହେବା ଇତ୍ୟାଦି କାରଣରୁ ଉତ୍ତେଜନା ପ୍ରକାଶ ପାଇଛି । ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାପାଇଁ ସେମାନେ ଦାବି ଜଣାଇଛନ୍ତି । ଅନ୍ୟଥା ୨୫ତାରିଖରୁ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆବରଣ ଅନଶନ ହେବ ବୋଲି ସୁଧିର କୁମାର ଭୂୟାଁ, ଜଗଦୀଶ ପ୍ରଧାନ, ବିଜୟ ପ୍ରଧାନ, ହରିଶଚନ୍ଦ୍ର ହୁଇ, ଗୋପାଳ ଚନ୍ଦ୍ର ଦତ୍ତ ପ୍ରମୁଖ କହିଛନ୍ତି ।

## ଭାରତଭୂଷଣଙ୍କ ଚିକିତ୍ସା ପାଇଁ ‘ସହାୟକ’ର ସହାୟତା



ବାଲେଶ୍ୱର,୧୬/୦୧ (ନି.ପ୍ର): ଜିଲ୍ଲାର ଏକ ଅଗ୍ରଣୀ ଜନକଲ୍ୟାଣକାରୀ ସଂଗଠନ ‘ସହାୟକ’ ପକ୍ଷରୁ ଯୁବ ସମାଜସେବୀ ଭାରତଭୂଷଣ ଦାସଙ୍କ ଚିକିତ୍ସା ପାଇଁ ମଙ୍ଗଳବାରଦିନ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଶ୍ରୀ ଦାସଙ୍କ ଦୁଇଟି କିଡ଼୍‌ନି ନଷ୍ଟ ହୋଇଯାଇଥିବାରୁ ସେ ଚିକିତ୍ସାଧିନ ଅଛନ୍ତି । କିଡ଼୍‌ନୀ ପ୍ରତ୍ୟାରୋପଣ ପାଇଁ ବହୁ ଅର୍ଥର ଆବଶ୍ୟକତାକୁ ଉପଲବ୍ଧ କରି ‘ସହାୟକ’ ନିଜର ସଭ୍ୟ, ସଭ୍ୟାଙ୍କ ଠାରୁ ଏହି ଅର୍ଥ ସଂଗ୍ରହ କରି ଶ୍ରୀ ଦାସଙ୍କ ମାଣିଖମ୍ବସ୍ଥିତ ବାସଭବନରେ ପ୍ରଦାନ କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛି । ସଂଗଠନର ବୟୋଜ୍ୟେଷ୍ଠ ସଦସ୍ୟ ଲୋକନାଥ ଆଚାର୍ଯ୍ୟଙ୍କ ହସ୍ତରୁ ଭାରତଭୂଷଣ ଏହି ଚେକ୍ ଗ୍ରହଣ କରିଥିଲେ । ଶ୍ରୀ ଦାସଙ୍କ ବାସଭବନରେ ‘ସହାୟକ’ର ସାଧାରଣ ସଂପାଦକ ବିଜୟ ଦାସ ଅଧିକାରୀଙ୍କ ସମେତ ସଚିନ୍ଦ୍ର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଦାମୋଦର ନାୟକ, ବିରେନ୍ଦ୍ର ନାରାୟଣ ପ୍ରହରାଜ, ପ୍ରଣିତା ମିଶ୍ର, ରବିନାରାୟଣ ଭୋଳ, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, କେଶବ ଚନ୍ଦ୍ର ମହାନ୍ତି, ଇଂ.ବନମାଳୀ ନାୟକ, ଗୌରାଙ୍ଗ ପାଣିଗ୍ରାହୀ ଓ ଅଙ୍ଗନୱାଡ଼ି କର୍ମୀ ସଂପାଦିକା ଗୌରୀ ଦାସ, ଗୁଣାକାର ଦେ ପ୍ରମୁଖ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo